ସକାଳ
THE SAKALA



# ଘୁମୁସର କେନ୍ଦ୍ରୀୟ ବନାଞ୍ଚଳରେ ହାତୀପଲଙ୍କ ଦୌରାତ୍ମ୍ୟ

**ଭଞ୍ଜନଗର,୨।୧(ସମିସ):** ଗତ କିଛିଦିନ ହେବ ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଏହି ବନାଞ୍ଚଳର କାଳିଆମ୍ବା ଓ ଭଞ୍ଜନଗର ସେକ୍ସନରେ ୧୯ ଟିକିଆ ହାତୀ ପଲଙ୍କ ଉପଦ୍ରବ ଯୋଗୁଁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡିଛନ୍ତି। ସଞ୍ଜ ନଇଁବା ମାତ୍ରେ ହାତୀପଲ ନିକଟସ୍ଥ ଜଙ୍ଗଲରୁ ବାହାରି ଗାଁ ମୁହାଁ ହେଉଛନ୍ତି। ଖଳା ଓ କ୍ଷେତରେ ଥିବା ପାଚିଲା ଧାନ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ସୋମବାର ରାତିରେ ହାତୀପଲ ପୁରୁଣାପାଣି ଗାଁର ଖଳାରେ ଥିବା ୪ଟି ଧାନଗଦା ଖାଇବା ସହ ଦଳି ନଷ୍ଟ କରିଛନ୍ତି। ୧୯ ଟିକିଆ ହାତୀପଲ ଗତ କିଛିଦିନ ହେବ ମୁଜାଗଡ଼ ବନାଞ୍ଚଳରେ ଉପଦ୍ରବ ରଚିଥିଲେ। ସେଠାରେ ବ୍ୟାପକ କ୍ଷୟକ୍ଷତି କରିବା ପରେ ସେମାନେ ଗତ କିଛି ଦିନ ହେବ କେନ୍ଦ୍ରୀୟ



ବନାଞ୍ଚଳକୁ ଆସିଯାଇଥିଲେ। ଏହି ବନାଞ୍ଚଳର ଜିଲୁଣ୍ଡି ପଲ୍ଲୀ, କାଳିଆମ୍ବା, ବୁଢୁଲି, ମଳାସପଦର ଇଲାକାରେ ବ୍ୟାପକ ଫସଲ କ୍ଷୟକ୍ଷତି କରିଥିଲେ। ଜିଲୁଣ୍ଡି ଗ୍ରାମର ସୂର୍ଯ୍ୟ ପ୍ରଧାନ, ସୀମାଞ୍ଚଳ ପ୍ରଧାନଙ୍କ ଧାନ ଖାଇବା ସହ ମାଧବ ନାୟକଙ୍କ ଘର ଭାଙ୍ଗିଥିଲେ। ନିକଟରେ ସନ୍ତୋଷ ପୋଲେଇଙ୍କ ଫାର୍ମରେ ପଶି କଦଳି ଗଛ ଉପାଡି ଭାଙ୍ଗି ଦେଇଥିଲେ। ରବିବାର ରାତିରେ ହାତୀପଲ ପୁରୁଣାପାଣି ଗାଁର କୃଷ୍ଣ ନାୟକ, ଧୋବା ନାୟକ, ସୁବାରାଓ ନାୟକ ଓ ଦିନବନ୍ଧୁ ନାୟକଙ୍କ କଟା ହୋଇ ଥିବା ୪ଟି ଧାନଗଦାକୁ ଖାଇବା ସହ ଦଳି ନଷ୍ଟ କରିଛନ୍ତି। ସେଠାରୁ ଫେରି ଗୁଡିଆମ୍ବା ଗ୍ରାମର ସୁରେନ୍ଦ୍ର ନାୟକଙ୍କ କଦଳି ବଗିଚାରେ ପଶି ଗଛ ଭାଙ୍ଗିବା ସହ ନଷ୍ଟ କରିଛନ୍ତି। ତେଣୁ ବନବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

# ସାତପହଣ୍ଡିଆରେ ଧାନମଣ୍ଡି ଶୁଭାରମ୍ଭ

**କୁକୁଡ଼ାଖଣ୍ଡି,୨।୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବଉଲଝୋଳି ପଞ୍ଚାୟତ ଅଧୀନରେ ଥିବା ସାତପହଣ୍ଡିଆ ଗ୍ରାମରେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ସୂର୍ଯ୍ୟମୁଖୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଖୋଲା ଯାଇଥିବା ମଣ୍ଡିକୁ କୁକୁଡ଼ାଖଣ୍ଡି ବ୍ଲକ ସିଡିପିଓ କୁସୁମ କୁମାରୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ସେହିଭଳି ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ବିଷୋୟୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ସେଥିପ୍ରତି ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ।

ମଣ୍ଡି ଉଦଘାଟନର ଅବସରରେ ଚାଷୀ ଗୋପାଳ




ମହାଙ୍କୁଡଙ୍କଠାରୁ ୯୯କ୍ୱିଣ୍ଟାଲ୍ ଧାନ କ୍ରୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିପିସି ନିଳାଞ୍ଚଳ ସାହୁ, ମିଲର ସାକା ସୁଜିତ୍, ଗୋପାଳ ମହାଙ୍କୁଡ, ସମାଜ ସେବକ ବୁଲୁ ପାତ୍ର, ମିଶନ ଶକ୍ତି ପ୍ରତିଭା ମହାନ୍ତି, ସାଗରିକା ବେହେରା, ଅଙ୍ଗନବାଡ଼ି ସଂଘର ସଭାନେତ୍ରୀ ମାଣିକେଶ୍ୱରୀ ପଟ୍ଟନାୟକ, ସଭାନେତ୍ରୀ ମାଧୁରୀ ପାତ୍ର, ସମ୍ପାଦିକା ମମତା ପ୍ରଧାନ ସୂର୍ଯ୍ୟମୁଖୀ ସ୍ୱୟଂ ସହାୟକ ଗୋଷ୍ଠୀର ଡାଟା ଏଣ୍ଟ୍ରି ଅପରେଟର ମାଧୁରୀ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ବହୁ ଚାଷୀ ଓ ରାଇସ ମିଲର ଉପସ୍ଥିତ ଥିଲେ।

# ମନ୍ତ୍ରୀ, ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରେସ୍ କ୍ଲବ ସଦସ୍ୟ

**ବେଲଗୁଣ୍ଠା,୨।୧(ସମିସ):** ନୂଆବର୍ଷ ଅବସରରେ ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସମସ୍ତ ସଦସ୍ୟ ବେଲଗୁଣ୍ଠା କାର୍ଯ୍ୟନିର୍ବାହି ଅଧିକାରୀ



ରାକେଶ କୁମାର ପାତ୍ର, ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗାଙ୍ଗପୁର ଥାନା ଅଧିକାରୀ ରାଜେଶ୍ କୁମାର ନାୟକ, ଉପଜିଲ୍ଲାପାଳ ଅନୀଲ୍ କୁମାର ସେଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ କୁମାର ବଡଜେନା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥି, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ, ଭଞ୍ଜନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶି ଭୂଷଣ ମହାପାତ୍ର, ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ, ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ, ସମସ୍ତ କାଉନସିଲର୍, ସମାଜସେବୀ ଭି ଦେବୀପ୍ରସାଦ ପାତ୍ର, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଦିବ୍ୟ ରଞ୍ଜନ ଦାଶ, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ସ୍ୱାଇଁଙ୍କୁ ସାକ୍ଷାତ କରି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ବେଲଗୁଣ୍ଠା ପ୍ରେସକ୍ଲବ ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି,ସହସମ୍ପାଦକ ସରୋଜ ଶତପଥୀ, କୋଷାଧ୍ୟକ୍ଷ ବିଭୂପାଦ ଜେନା, ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବିଷୋୟୀ, ସୁଶାନ୍ତ କୁମାର ବେହେରା, ମାଧବ ଚନ୍ଦ୍ର ଆପଟ, ଚନ୍ଦନ କୁମାର ସାହୁ, ସନ୍ତୋଷ ଡାକୁଆ, ପ୍ରଦୀପ ଚୌଧୁରୀ, ଯୁବ ସଦସ୍ୟ ଶିବରାମ ଚୌଧୁରୀ, ସୁଧାଂଶୁ ଶେଖର ବିଷୋୟୀ, ନାରାୟଣ ପଣ୍ଡା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ପଞ୍ଚାନନ ସାହୁ, ଅକ୍ଷୟ ଶତପଥୀ, ମନୋରଞ୍ଜନ ମହାରଣା, ତୋଫାନ ସାହୁ, ରାଜେଶ୍ ପାତ୍ର, ନିଲୁ ପାତ୍ର, ପଞ୍ଚାନନ ନାୟକ, ଶିବରାମ ମହାପାତ୍ର, ସଚିନ୍ ପୁରୋହିତ,ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚାଷୀଙ୍କୁ କ୍ଷତିପୂରଣ ଦାବି

# ଜିଲ୍ଲାପାଳଙ୍କୁ ଓଡ଼ିଶା କୃଷକ ସଭାର ସ୍ମାରକପତ୍ର



**ଛତ୍ରପୁର,୨।୧(ସମିସ):** ଓଡ଼ିଶା କୃଷକ ସଭା ଜିଲ୍ଲା କମିଟି ପକ୍ଷରୁ ମରୁଡି ଓ ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବା, ଧାନମଣ୍ଡି ଖୋଲି ଚାଷୀଙ୍କ ଧାନ କ୍ରୟ କରିବା ଓ ଧାନ କ୍ୱିଣ୍ଟାଲ ପ୍ରତି ୫ ଶହ ଟଙ୍କା ବୋନସ ଦେବା, ଫସଲ ବୀମା ପ୍ରଦାନ କରିବା, ରବି ଚାଷ ପାଇଁ ବିହନ, ସାର ଔଷଧ ମାଗଣାରେ ପ୍ରଦାନ କରିବା, ସମସ୍ତ ଅଞ୍ଚଳକୁ ଜଳସେଚନ କରିବା, କଟ୍ନି ଛଟ୍ନି ବନ୍ଦ କରି ଉପଯୁକ୍ତ ଦର ଦେବା, ଚାଷୀଙ୍କୁ ଅଖା ଓ ପରିବହନ ଖର୍ଚ୍ଚ ଦେବା ସହିତ ଅନ୍ୟାନ୍ୟ ଦାବି ନେଇ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପ୍ରଦାନ କରାଯାଇଛି। ପରେ ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି। ଦାବି ଗୁଡ଼ିକ ଆସନ୍ତା ୧୫ ମଧ୍ୟରେ କାର୍ଯ୍ୟକାରୀ ନ ହେଲେ କାର୍ଯ୍ୟାଳୟ ସମ୍ମୁଖରେରେ ଗଣଧାରଣା ଦେବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟି ସଭାପତି ପି. ହରିକୃଷ୍ଣ ରେଡ୍ଡୀ, ସମ୍ପାଦକ ଅଜୟ ଗୌଡ଼, ସରପଞ୍ଚ ବୈରାଗୀ ଧର୍ମରାଜ ସ୍ୱାଇଁ, ପଦ୍ମନାଭ ପ୍ରଧାନ, ହୀନ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଚାଷୀ ସୁରକ୍ଷା ମଞ୍ଚର ବିକ୍ଷୋଭ



**ଆସିକା,୨।୧(ସମିସ):** ୧୯ ଦଫା ଦାବୀ ନେଇ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଚାଷୀ ସୁରକ୍ଷା ମଞ୍ଚ ପକ୍ଷରୁ ଆସିକା ତହସିଲ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ ପଦର୍ଶନ କରାଯାଇଥିଲା। ଚାଷୀ ନେତା ଲଳିତ ଦାସ ଓ ରାଘବ ଶୀୟଙ୍କ ନେତୃତ୍ୱରେ ଆସ୍କା ବସଷ୍ଟାଣ୍ଡ ଠାରୁ ଏକ ରାଲିରେ ବାହାରି ତହସିଲ ସମ୍ମୁଖରେ ପହଞ୍ଚିଥିଲେ। ଆସିକା ବ୍ଲକକୁ ମରୁଡି ଘୋଷଣା, ବ୍ଲକରେ ପଡିରହିଥିବା ଅନୁଦାନକୁ ଚାଷୀଙ୍କୁ ଯୋଗାଇବା, ଧାନ କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କା, ଧାନ ମଣ୍ଡିକୁ ତ୍ୱିରାନ୍ୱିତ, ଆଖୁ ଦର ଟନ ପିଛା ୩୫୦୦ ଟଙ୍କା, ସାର, ପିଡିଆ ଭଳି ଚାଷ କ୍ଷେତ୍ରରେ ଆବଶ୍ୟକ ଔଷଧ ଉପରେ ଜିଏସଟି କମାଇବା, ଉତ୍କଳ ଆୟୁର୍ବେଦିକ କଲେଜର ପୁନଃରୁଦ୍ଧାର ଭଳି ସମସ୍ୟା ନେଇ ଦାବିପତ୍ର ଦିଆଯାଇଥିଲା। ଏହି ବିକ୍ଷୋଭବେଳେ ଚାଷୀ ହରେକୃଷ୍ଣ ନାୟକ, ରାଧା ନାୟକ, ନନ୍ଦ ସାହୁ ଓ ଉଦୟ ଗୌଡ଼, ସନ୍ୟାସୀ ନାହାକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାଇକ୍ ଚାଳକ ଆହତ

**ସାନଖେମୁଣ୍ଡି,୨।୧(ସମିସ):** ଦିଗପହଣ୍ଡି - ତପ୍ତପାଣି ମୁଖ୍ୟ ରାସ୍ତା ପୋଡ଼ାମାରି ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ବାଇକ ଚାଳକ ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ଦିଗପହଣ୍ଡି ଥାନା ନିମଖଣ୍ଡିପେଣ୍ଠର ଇ.ସାଇକେଲ ପାତ୍ର। ସୂଚନାନୁସାରେ ମଙ୍ଗଳବାର ମଧ୍ୟାହ୍ନରେ ଇ.ସାଇକେଲ ପାତ୍ର ନିଜ ଗାଁ ଅଭିମୁଖେ ବାଇକରେ ଆସିବା ସମୟରେ ପୋଡାମାରି ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ସାନଖେମୁଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହାତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ବାଲି ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଟିକିଟି,୨।୧(ସମିସ):** ରବିବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହଇୱା ଟ୍ରକ ଟିକିଟି-ଟାମଣା ଘାଟିରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଘାଟି ରାସ୍ତାର ଡାହାଣ ପଟ ବାଡ ଭାଙ୍ଗି ପ୍ରାୟ କୋଡ଼ିଏ ଫୁଟ ଖାଲକୁ ଖସିପଡ଼ିଥିଲା। ଦୁର୍ଘଟଣାରେ ଗାଡ଼ିର ସମ୍ମୁଖ ଭାଗ ନଷ୍ଟ ହୋଇ ଚାଳକ ଆହତ ହୋଇଥିବା ଜଣାପଡ଼ିଛି।

# ପୋଲସରା ଏନ୍‌ଏସିର ସାଧାରଣ ବୈଠକ

**ପୋଲସରା,୨।୧(ସମିସ):** ପୋଲସରା ଏନଏସିର ବୈଠକ ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳିକା ସଙ୍ଗୀତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିଲେ। ପୋଲସରା ସହରର ବିକାଶ ଓ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ ବସଷ୍ଟାଣ୍ଡ ନିର୍ମାଣ ସହ ମାର୍କେଟ କମ୍ପ୍ଲେକ୍ସ, ରାସ୍ତା, ମିଶନ ଶକ୍ତି ଗୃହ, ଡ୍ରେନେଜ, ଶୌଚାଳୟ ନିର୍ମାଣ,



ଡମ୍ପିଂୟାର୍ଡ, ପାର୍କ, ଏନ୍‌ଏସିର କର୍ମଚାରୀଙ୍କ ନିମନ୍ତେ କ୍ୱାର୍ଟର ନିର୍ମାଣ ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ନଗର ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ସାଂସଦ ପ୍ରତିନିଧି ମୋତିରାମ ସାହୁ, ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ଯନ୍ତ୍ରୀ ଚିତ୍ରସେନ ରେଡ୍ଡୀଙ୍କ ସମେତ ସମସ୍ତ କର୍ମଚାରୀ, ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

■ **ଦିଲ୍ଲୀ ସଂସଦ ଭବନକୁ ଯାତ୍ରାକଲେ କାଳିମେଘି ସରପଞ୍ଚ**

# ସ୍ୱତନ୍ତ୍ର ଚେଞ୍ଜ ମେକର କାର୍ଯ୍ୟକ୍ରମରେ ଯୋଗଦେବେ ଅର୍ଚ୍ଚନା

**କୋଦଳା,୨।୧(ସମିସ):** ସ୍ୱତନ୍ତ୍ର 'ଚେଞ୍ଜ ମେକର' କାର୍ଯ୍ୟକ୍ରମରେ ଯୋଗଦାନ ନେଇ ଦିଲ୍ଲୀ ନୂତନ ସଂସଦ ଭବନ ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି ବେଗୁନିଆପଡ଼ା ବ୍ଲକ କାଳିମେଘି ପଞ୍ଚାୟତ ସରପଞ୍ଚ



ଅର୍ଚ୍ଚନା ତ୍ରିପାଠୀ। ବିଗତ ଦିନରେ ଡିଆର୍‌ଡିଏ ଦ୍ୱାରା ହୋଇଥିବା ଜିଲ୍ଲାସ୍ତରୀୟ ମହିଳା ନେତୃତ୍ୱ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କାଳିମେଘି ସରପଞ୍ଚ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ରାଜ୍ୟସ୍ତରୀୟ ମହିଳା ନେତୃତ୍ୱ ଶୀର୍ଷକ ପ୍ରଶିକ୍ଷଣ(ସି ଇଜ୍ ଏ ଚେଞ୍ଜ ମେକର୍) କାର୍ଯ୍ୟକ୍ରମକୁ ଯାଇଥିଲେ। ସେଠାରେ ମଧ ସେ ସଂସଦ ଭବନ ଯିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ମହିଳା ହେଉଛନ୍ତି ସମାଜ ପରିବର୍ତ୍ତନର ଜଣେ ଜଣେ ଚେଞ୍ଜ ମେକର। ସରକାର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନାରୀ ନେତୃତ୍ୱ ନେବାରେ ଦକ୍ଷତା, ଅଭିଜ୍ଞତା, କୌଶଳ, ଶିଷ୍ଟତା, ନୀତି ନିଷ୍ଠତା ଉପରେ ଆଲୋଚନା ପର୍ଯ୍ୟାଲୋଚନା, ବିଭିନ୍ନ ବିଷୟରେ ମତ ଓ ଭିନ୍ନମତ ପ୍ରଦାନର ଚମକ ଦେଖିବା ପରେ ଓଡ଼ିଶାର ଦଶ ଜଣଙ୍କୁ ମନୋନୀତ କରିଥିଲେ। ଏସଆଇଆରଡ଼ି/ପିଆର ତରଫରୁ ନୂଆଦିଲ୍ଲୀର ନୂଆ ସଂସଦ ଭବନରେ ଅନୁଷ୍ଠିତ ହେବାକୁ ଥିବା ସର୍ବ ଭାରତୀୟ ବା ଜାତୀୟ ସ୍ତରୀୟ କର୍ମଶାଳାରେ ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ ଯୋଗ ଦେବେ। ଏନେଇ ସେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନଙ୍କ ସମେତ ଏସଆଇଆରଡି୍‌କୁ କୃତଜ୍ଞତା ଜଣାଇଛନ୍ତି।

# ଗରିବ ଓ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ଛତ୍ରପୁର, ୨।୧(ସମିସ):** ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ମିଡ୍ ଟାଉନ, ବ୍ରହ୍ମପୁର ପାର୍ବତୀ ଟେକ୍ସଟାଇଲସ୍, କଲକୋତାର ଲିଲି ଫାଉଣ୍ଡେସନ ମିଳିତ ଉଦ୍ୟମରେ ଓ କେ.ଟି.ଏନ୍ ପୁର ବରିଷ୍ଠ ନାଗରିକ ମଞ୍ଚର ସହଯୋଗରେ ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମ ଓ ରାମପଲ୍ଲୀ ଗ୍ରାମର ୩୫୦ ଜଣ ଗରିବ ଓ ଅସହାୟଙ୍କୁ ଶୀତ ବସ୍ତ୍ର ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଭୟ ଗ୍ରାମର ଯୁବଗୋଷ୍ଠୀ ସହାୟତା କରି ଗରିବ ଜନସାଧାରଣଙ୍କୁ ଶୀତ ବସ୍ତ୍ର ବିତରଣ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲକୋତାର ଲିଲି ଫାଉଣ୍ଡେସନର ଗଂଜାମ ଜିଲ୍ଲା ସଂଯୋଜକ ରୋଟାରୀଆନ୍ ଡ ଗୋଦାବରୀ ପାତ୍ର, ପ୍ରଭାକର ସାହୁ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ଗ୍ରାମ ସଭାପତି ଅମରେଶ୍ୱର ସାହୁ, ମଞ୍ଚର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କୃତଜ୍ଞତା ପ୍ରକାଶ କରିଥିଲେ। ସେହିପରି ରାମପଲ୍ଲୀ ଗ୍ରାମରେ ହରିହର ସ୍ୱାଇଁ, ରାମହରି



ସ୍ୱାଇଁ, ନରସିଂହ ସ୍ୱାଇଁଙ୍କ ସହଯୋଗରେ ମାଗଣା ଶୀତ ବସ୍ତ୍ର ବିତରଣ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମକୁ ରୋଟାରୀ ଜିଲ୍ଲା ୩୨୬୨ର ସହକାରୀ ପ୍ରାନ୍ତପାଳ ରୋଟାରୀଆନ୍ କାମରାଜୁ ମହାରଣା ସଂଯୋଜନା କରିଥିଲେ। ଉଭୟ ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ଏହି ସଂଯୋଜନା ଓ ସହଯୋଗିତା ପାଇଁ ସନ୍ତୋଷ ପ୍ରକାଶ କରାଯାଇଛି।

# ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ଦିଗପହଣ୍ଡି,୨।୧(ସମିସ):** ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ଘଟଣା ଘଟିଥିଲେ ମଧ ପୀଡ଼ିତା ଜଣକ ସମୁଦାୟ ଘଟଣା ତାଙ୍କ ମା'ଙ୍କୁ ଜଣାଇବା ପରେ ମା' ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମାମଲା ଅନୁଯାୟୀ ଅଭିଯୁକ୍ତ ବୃଦ୍ଧ ଚିନ୍ତାମଣି ଗୌଡ଼ଙ୍କ ନାଁ ରେ ମକଦ୍ଦମା ରୁଜୁ କରି ତଦନ୍ତ କରୁଛନ୍ତି। ଘଟଣା ଦିନ ଛାତ୍ରୀ ଜଣକ ଭୋଜି ପାଇଁ ଥାଳି ଆଣିବାକୁ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ଘରେ ଅନ୍ୟ କେହି ନଥିବା ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କୁ ଅସଦାଚରଣ କରିଥିଲେ। ପରେ ପୀଡ଼ିତା ଜଣକ ଭୟଭୀତ ହୋଇ ପ୍ରତିବାଦ କରିବାରୁ ଅଭିଯୁକ୍ତ ଜଣକ ତାଙ୍କୁ ଘଟଣା ପ୍ରଘଟ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଥାନାରେ ଏତଲା ହୋଇଥିବା ଜାଣିବା ପରେ ଗିରଫ ଭୟରେ ଅଭିଯୁକ୍ତ ଜଣକ ଫେରାର ଥିବା ଜଣାପଡ଼ିଛି।

# ରାଜ୍ୟସ୍ତରୀୟ ଲୋକକଳା ଓ ସାଂସ୍କୃତିକ ମହୋତ୍ସବ

**ରମ୍ଭା,୨।୧(ସସିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ସ୍ଥିତ ବାବା ଛତ୍ରେଶ୍ୱର ମନ୍ଦିର ଯାତ୍ରା ପଡିଆରେ ୨୯ତମ ରାଜ୍ୟସ୍ତରୀୟ ଲୋକକଳା ଓ ସାଂସ୍କୃତିକ ମହୋତ୍ସବ ଉଦ୍ୟାପିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା-ନିର୍ଦ୍ଦେଶକ ପ୍ରହଲ୍ଲାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମେନ ଦଇତାରୀ ବେହେରା, ବ୍ଲକ କଳାକାର ସଂଘର ସଭାପତି ଦିଗାମ୍ବର ମହାରଣା, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ମୁମ୍ବାଇର ସଙ୍ଗୀତ ଗୁରୁ ଡି. ଜଗନ୍ନାଥ ଦୋରା, ସମ୍ମାନିତ ବକ୍ତା ଭାବେ ଗଞ୍ଜାମ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖ ଯୋଗ ଦେଇ ଲୋକକଳା ହିଁ ଆମ ସଂସ୍କୃତିର ମହାନ୍ ପରମ୍ପରା ବୋଲି ଆଲୋକପାତ କରିଥିଲେ। ଦ୍ୱିତୀୟ ଦିବସରେ ଲଙ୍ଗଳେଶ୍ୱର ସମିତି ସଭ୍ୟ ପଦ୍ମ ଚରଣ



ଦଳେଇ ଅତିଥି, ମୁଖ୍ୟବକ୍ତା ଭାବେ ସମ୍ଭାବନା ସାରସ୍ୱତ ପରିଷଦର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମଲ୍ଲ ମଞ୍ଚାସୀନ ଥିଲେ। ଏହି ଅବସରରେ ଶତାଧିକ କଳାକାର ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ତୃତୀୟ ଦିବସର ସାରସ୍ୱତ ସମାରୋହରେ ପ୍ରାୟ ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହାକୁ ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ, କେଶପୁର କଲେଜର ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ, ଭଞ୍ଜନଗରର ବରିଷ୍ଠ କବି ପ୍ରଭାତ ଆଚାର୍ଯ୍ୟ ପ୍ରମୁଖଙ୍କ ମିଳିତ ସଂଯୋଜନା ଉପସ୍ଥିତ ଶ୍ରୋତାମାନଙ୍କୁ ମୋହିତ କରିଥିଲା। ଏଥିରେ କବି ପଞ୍ଚାନନ ଖଟୁଆ, ବିକ୍ରମାଦିତ୍ୟ ବାରିକ, ବ୍ରଜବନ୍ଧୁ ବେହେରା, ନମିତା ମହାନ୍ତି, ସୁରେନ୍ଦ୍ର ବେହେରା, ମଦନ ମୋହନ ମହାପାତ୍ର, ଅରୁଣ ଅଗ୍ରୱାଲ, ଘନଶ୍ୟାମ ବେହେରା, ଦିଲୀପ କୁମାର ସ୍ୱାଇଁ, ଦୁର୍ଗାପ୍ରସାଦ ସାହୁ, ଭୋବନୀ ପଣ୍ଡା, ବିଚିତ୍ରା ନନ୍ଦ ବେହେରା, ଦୀନବନ୍ଧୁ ଦାସ, ସରୋଜବାଳା ପଟ୍ଟନାୟକ, ଅଖିଳ ସ୍ୱାଇଁ, ବିରଞ୍ଚି ନାରାୟଣ ବେହେରା, ନିର୍ଝରଣୀ ଦାସ, ମମତା ପଣ୍ଡା, ବାଦଲ ପଲେଇ, ରଶ୍ମି ରଞ୍ଜିତା ମିଶ୍ର ଓ ଧ୍ରୁବ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ତିନି ଦିନର ମହୋତ୍ସବକୁ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରହଲ୍ଲାଦ ବେହେରା ଓ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବାବେଳେ ସୁରଥ ବେହେରା ଓ ସନ୍ତୋଷ ବେହେରା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଦିବଂଗତ ସଦସ୍ୟ ଗଗନ କୁମାର ବେହେରାଙ୍କ ସ୍ମୃତିରେ କବି ବିଶ୍ୱନାଥ ଶତପଥୀଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବି କିଶୋର ସାହୁ, ଆଭାକାନ୍ତ ମହାନ୍ତି, ସୁରଜମ କୁମାର ନାୟକ, ସଂଯୁକ୍ତା ପରିଚ୍ଛା, ଗବେଷକ ଅଶୋକ ସାହୁ, ପାଲାଗାୟକ ସତ୍ୟପ୍ରିୟ ବେହେରା, ଗୀତିକାର ପ୍ରମୋଦ ରାଉଳ, କଳାକାର ଅଭିମନ୍ୟୁ ନାୟକ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖଙ୍କ ପ୍ରତିଭା ନିମନ୍ତେ ବିଭିନ୍ନ ଉପାଧିରେ ଭୂଷିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବରେ ଅଂଶଗ୍ରହଣ କରିଥିବା କବି ଓ କଳାକାରମାନଙ୍କୁ ଅନୁଷ୍ଠାନ ତରଫରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।







## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ସମାରୋହ

# ପ୍ରକୃତି ପ୍ରତି କୃତଜ୍ଞ ହୁଅ: ହର ପ୍ରସାଦ

- କବି ହର ପ୍ରସାଦ ଦାସଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନ
- ଶିକ୍ଷାବିତ୍ କାମାକ୍ଷୀ ପ୍ରସାଦ ଦାସ, ନାଟ୍ୟକାର ବିପିନ ବିହାରୀଙ୍କୁ ଅଙ୍ଗବସ୍ତ୍ର ସମ୍ମାନ
- କୃଷ୍ଣଲୀଳା ସାଧକ ଗୋପୀନାଥ ସ୍ୱାଇଁ, ଗାହାଣ ଗାୟକ ଅଭିମନ୍ୟୁ ରାଉତଙ୍କୁ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନ
- ଓଡ଼ିଶୀ ନୃତ୍ୟ ଗୁରୁ ଶିକତା ଦାସଙ୍କୁ ଶ୍ରେଷ୍ଠ ପୁରାତନ ଛାତ୍ର ସମ୍ମାନ








**ବ୍ରହ୍ମପୁର,୨ ।୧(ସମିସ):** ଭାରତ ଏକ ସମୃଦ୍ଧ ଦେଶ। ଏଠାକାର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ରୁଦ୍ଧିମନ୍ତ। ସଂସ୍କୃତ ଓ ତାମିଲ ଭାଷା ସର୍ବ ପୁରାତନ। ଭାରତରେ ଉଭୟ ପୁରାତନ ଓ ପାଶ୍ଚାତ୍ୟ ପରମ୍ପରା ଦୃଶ୍ୟମାନ ହୁଏ। ସାମ୍ପ୍ରତିକ ଯୁଗରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ବୃଦ୍ଧି ପାଉଥିଲେ ହେଁ ମଣିଷର ଜ୍ଞାନ ହିଁ ସର୍ବଶ୍ରେଷ୍ଠ ବୋଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ହରପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଭଞ୍ଜବିହାର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କବି ହରପ୍ରସାଦ ଦାସ ମୁଖ୍ୟ ଅତିଥି ଓ ଦିଲ୍ଲୀସ୍ଥିତ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶାନ୍ତିଶ୍ରୀ ଧୁଳିପୁଡ଼ି ପଣ୍ଡିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଏ ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦାସ କହିଛନ୍ତି ଶବ୍ଦର ସମୁଦ୍ରକୁ ଅତିକ୍ରାନ୍ତ କରିଥିବା ବ୍ୟକ୍ତିତ୍ୱ ହେଉଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। ତାଙ୍କ ନାମରେ ପ୍ରତିଷ୍ଠିତ ଭଞ୍ଜ ବିହାର ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ଅତି ଶୃଙ୍ଖଳିତ। ପ୍ରକୃତି ପ୍ରତି କୃତଜ୍ଞ ହୋଇ ସହଭାଗିତା, ସହଯୋଗ ଓ ସମନ୍ୱୟ ରଖି ଜୀବନରେ ଆଗକୁ ବଢିବାକୁ ସେ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀମତୀ ପଣ୍ଡିତ କହିଛନ୍ତି ଯେ, ଓଡ଼ିଶା ଓ ଗଞ୍ଜାମ ସମୃଦ୍ଧ ମାଟି। ଏଠାରୁ ପୂର୍ବତନ ରାଷ୍ଟ୍ରପତି ଭି ଭି ଗିରି ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପ୍ରତିନିଧିତ୍ୱ କରୁଥିଲେ। ଓଡ଼ିଶାର ଓଡ଼ିଶୀ ନୃତ୍ୟ ଓ ଗଞ୍ଜାମର ଲୋକନୃତ୍ୟ ବେଶ ମନୋରମ। ଯେତେବେଳେ ଓଡ଼ିଶୀ ନୃତ୍ୟର ତାଳ ବାଜିଯାଏ ମନ ମୋହାଛନ ହୋଇଯାଏ। ଗଞ୍ଜାମ ବିଜୁ ବାବୁଙ୍କ ମାଟି। ତିନୋଟି ଦେଶର ସେ ହୀରା ଥିଲେ। ୨୦୩୬ ମସିହା ବେଳକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ତାର ହିରକ ଜୟନ୍ତୀ ପାଳନ କରିବ। ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ସମ୍ପ୍ରତି ତିଆରି ହେଉଛି। ଓଡ଼ିଶା ଦେଶରେ ସ୍ୱତନ୍ତ୍ର ରାଜ୍ୟ ଭାବେ ତାର ପରକାଷ୍ଠା ଦେଖାଇ ପାରିଛି। ଅଶୋକଙ୍କ କଳିଙ୍ଗ ଭଳି ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ରାଜ୍ୟ ମଧ୍ୟ ସମୃଦ୍ଧ ହେବାରେ ଲାଗିଛି ବୋଲି ମୁଖ୍ୟବକ୍ତା ଦିଲ୍ଲୀ ସ୍ଥିତ ଜେଏନୟୁର କୁଳପତି ପ୍ରଫେସର ଶାନ୍ତିଶ୍ରୀ ଧୁଳିପୁଡ଼ି ପଣ୍ଡିତ ମତବ୍ୟକ୍ତ କରିଛନ୍ତି। ସଭାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧକ୍ଷତା କରି ବିଭିନ୍ନ କ୍ଷେତ୍ରରେ ହୋଇଥିବା ପ୍ରଗତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏ ଅବସରରେ କବି ହର ପ୍ରସାଦ ଦାସଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିଷ୍ଠା ଦିବସର ସର୍ବଶ୍ରେଷ୍ଠ ସମ୍ମାନ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯିବା ସହ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ବିଶିଷ୍ଟ ଶିକ୍ଷାବିତ୍ କାମାକ୍ଷୀ ପ୍ରସାଦ ଦାସ ଓ ବିଶିଷ୍ଟ ଗୀତିକାର ତଥା ନାଟ୍ୟକାର ବିପିନ ବିହାରୀ ମହାପାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଛି। ଅନୁରୂପ ଭାବେ ବରିଷ୍ଠ କୃଷ୍ଣ ଲୀଳା ସାଧକ ଗୋପୀନାଥ ସ୍ୱାଇଁ ଓ ଗାହାଣ ଗାୟକ ଅଭିମନ୍ୟୁ ରାଉତଙ୍କୁ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନ ପ୍ରଦାନ କରାଯିବା ସହ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ଦିଆଯାଇଛି। ଶ୍ରେଷ୍ଠ ପୁରାତନ ଛାତ୍ର ସମ୍ମାନ ପାଇଛନ୍ତି ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁରୁ ଶିକତା ଦାସ। ଏଥି ସହ ସମସ୍ତ ବିଭାଗର ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ବୃତ୍ତି ଅର୍ଥରାଶି ପ୍ରଦାନ କରାଯାଇଛି। ଏଅବସରରେ ଅନ୍ତଃ ମହାବିଦ୍ୟାଳୟ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ, ଅଣ-ଶିକ୍ଷକ କର୍ମଚାରୀ ପ୍ରବନ୍ଧ ପ୍ରତିଯୋଗିତାର ବିଜେତାଙ୍କ ସମେତ ଶ୍ରେଷ୍ଠ ଏନ୍ଏସ୍ଏସ୍ ଅଧିକାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ପିଜି କାଉନ୍ସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଅତିଥି ପରିଚୟ କରିଥିବା ବେଳେ କୁଳସଚିବ ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ମେଜର ରମାରମଣ ପାଢ଼ୀ, ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ପ୍ରଫେସର ପ୍ରକାଶ ମିଶ୍ର, ପ୍ରଫେସର ମାନସ ରଞ୍ଜନ ଦାସ, ଉପକୁଳସଚିବ ଡ ବାବୁଜି ସାମଲ, ପରୀକ୍ଷା ନିୟନ୍ତ୍ରକ ଡ ସତ୍ୟବ୍ରତ ପାତ୍ର, ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଗଣେଶ ସେଠୀ, ଜାତୀୟ ସେବା ସଂଯୋଜକ ଜୟନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡ ଶାରଦା ପ୍ରସାଦ ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଡ ଶଙ୍କର ମାଝୀ, ବନ୍ଦିତା ପଣ୍ଡା, ଡ ସୁମନ କଲ୍ୟାଣ ଚୌଧୁରୀ ଡ ମିହିର କୁମାର ତ୍ରିପାଠୀ, ସୁଶାନ୍ତ କୁମାର ସାହୁ, ରାମ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏ ଅବସରରେ ଅତିଥିଙ୍କ ଦ୍ୱାରା ଭଞ୍ଜ ବାଣୀ ପତ୍ରିକା ଲୋକାର୍ପିତ ହୋଇଥିଲା।

**‘ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା, ଦେଶରେ ସ୍ୱତନ୍ତ୍ର’**



ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବରେ ବ୍ରହ୍ମପୁରର ଓଡ଼ିଶୀ ନୃତ୍ୟାୟନ ଅନୁଷ୍ଠାନ ଦ୍ୱାରା ଗୁରୁ ଶିବରାମ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରାରମ୍ଭିକ ନୃତ୍ୟ ମା’ ତାରା ତାରିଣୀଙ୍କ ମଙ୍ଗଳାଚରଣ ପରିବେଷଣ

## ପୁଲିସର ସଫଳତା ପଛରେ ସିସିଟିଭି

# ସୁରକ୍ଷା ଦୃଷ୍ଟିକୋଣରୁ ଲୋକେ ସିସିଟିଭି ଲଗାଇବା ଜରୁରୀ: ଏସ୍ପି

**ବ୍ରହ୍ମପୁର,୨ ।୧(ସମିସ):** ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ପୁଲିସର ଦାୟିତ୍ୱ ଓ କର୍ତ୍ତବ୍ୟ। ତେବେ କାର୍ଯ୍ୟବ୍ୟସ୍ତତା ଓ କର୍ମଚାରୀଙ୍କ ଅଭାବ କାରଣରୁ ହେଉ ପୁଲିସକୁ ଚକମା ଦେବାରେ କେତେକ କ୍ଷେତ୍ରରେ ଅପରାଧି ସଫଳ ହେଉଛନ୍ତି। ଯାହାଫଳରେ ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳରେ ଚୋରି, ଛିନତାଇ, ହତ୍ୟା ଉଦ୍ୟମ ଓ ଡକାୟତି ଭଳି ବିଭିନ୍ନ ଅପରାଧିକ ଘଟଣା ଘଟୁଥିବା ନଜର ରହିଛି। କହିବାକୁ ଗଲେ ପୁଲିସ ଡାଳେ ଡାଳେ ଗଲେ ଅପରାଧି ପତ୍ରେ ପତ୍ରେ ଯିବାକୁ ଚେଷ୍ଟା କରୁଛନ୍ତି। ଫଳରେ ପୁଲିସର ସଫଳତା ହାର ତୁଳନାତ୍ମକ ଭାବେ କମ୍ ରହୁଛି। ଯେଉଁ କିଛି ଘଟଣାରେ ପୁଲିସକୁ ସଫଳତା ମିଳୁଛି ସେଥରେ ସିସିଟିଭି ଫୁଟେଜର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୨୦୨୩ମସିହାରେ ମୋଟ ୩୧ଟି ହତ୍ୟା ମାମଲା ରୁଜୁ ହୋଇଥିଲା। ଏକାଧିକ ଘଟଣାରେ ଅଭିଯୁକ୍ତଙ୍କ ନାମ ସ୍ପଷ୍ଟ ଉଲ୍ଲେଖ ରହିଥିବାରୁ ସେମାନଙ୍କୁ ଗିରଫ କରିବା ସମ୍ଭବପର ହେଉଛି। ତେବେ ଯେଉଁସବୁ ମାମଲାରେ ସାକ୍ଷୀ କେହି ନଥିବେ ଅଥବା ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଅପରାଧ ଘଟିଥାଏ ବା ଅଜଣାବ୍ୟକ୍ତିଙ୍କ ସମ୍ପୃକ୍ତି ଥାଏ ତେବେ ପୁଲିସ ପାଇଁ ଅପରାଧିଙ୍କୁ ଚିହ୍ନଟ କରିବା ଓ ଗିରଫ କରିବା କଷ୍ଟକର ହୋଇପଡିଥାଏ। ଏଭଳି ଘଟଣାରେ ପୁଲିସ ପାଇଁ ସିସିଟିଭି ଫୁଟେଜ ସବୁଠାରୁ ବଡ ପ୍ରମାଣ ସଦୃଶ ହୋଇଥାଏ। ଯାହାର ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ଗିରଫ କରିପାରିଥାଏ। ଗତ ଜୁନ ୨୦ତାରିଖରେ ଦିଗପହଣ୍ଡି ବ୍ଲକ ଖମାରି ଗ୍ରାମର ପୂର୍ବତନ ସରପଞ୍ଚ ତଥା ବିଜେଡ଼ି ନେତା ଲଳିତ ମୋହନ ମହାପାତ୍ରଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତେବେ ଏହା ଦୁର୍ଘଟଣା ନୁହେଁ ବରଂ ସୁଚିନ୍ତିତ ହତ୍ୟା ବୋଲି ପରିବାର ଲୋକେ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ସତ ସାମ୍ନାକୁ ଆସିବା ପରେ ସମସ୍ତେ ଚକିତ ହୋଇଯାଇଥିଲେ। ଗତ ୨୦ତାରିଖ ଦିନ ଖମାରି ଗାଁ ଛକରେ ବିଜେଡ଼ି ନେତା ଲଳିତଙ୍କ ସହିତ ସେହି ଗାଁର ରାମକୃଷ୍ଣ ମିଶ୍ରଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏହାପରେ ଖମାରି ଗାଁ ଛକରୁ ଲଳିତ ନିଜ ବୁଲେଟ ଯୋଗେ ବାହାରି ଯାଇଥିଲେ। ଏବଂ ଲଳିତଙ୍କୁ ପିଛା କରି ରାମକୃଷ୍ଣ ଏକ କାର୍ ଯୋଗେ ତାଙ୍କୁ ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦେଇଥିଲେ। ଲଳିତଙ୍କ ପରିବାର ଲୋକ ଓ ଗାଁ ଲୋକଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିବା ନେଇ ରାମକୃଷ୍ଣ କହିବା ସହିତ ନିଜେ ଆହତ ଲଳିତଙ୍କୁ ଧରି ଦିଗପହଣ୍ଡି ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅଜଣା ଗାଡ଼ି ଧକ୍କାରେ ଲଳିତଙ୍କ ମୃତ୍ୟୁ ହୋଇଥିବା ଘଟଣାକୁ ସହଜରେ ତାଙ୍କ ପରିବାର ଲୋକେ ଗ୍ରହଣ ନକରି ତାଙ୍କୁ କେହି ହତ୍ୟା କରିଥିବା ନେଇ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ଲଳିତଙ୍କ ପରିବାର ଲୋକଙ୍କ ଅଭିଯୋଗ ସମ୍ପର୍କରେ ଜାଣିବା ପରେ ରାମକୃଷ୍ଣ ନିଜ କାରକୁ ବ୍ରହ୍ମପୁର ରେଳ ଷ୍ଟେସନର ରଖି ହରିଦ୍ୱାର ଚାଲିଯାଇଥିଲେ। ପୁଲିସ ଘଟଣା ସ୍ଥଳରୁ ସଂଗ୍ରହ କରିଥିବା ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ବ୍ରହ୍ମପୁର ରେଳ ଷ୍ଟେସନରୁ ରାମକୃଷ୍ଣଙ୍କ କାରକୁ ଜବତ କରିଥିଲା। ପରେ ରାମକୃଷ୍ଣ ହରିଦ୍ୱାର-ପୁରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସରେ କେଉଁଆଡ଼େ ଯାତ୍ରା କରି ଲୁଚିବାକୁ ଉଦ୍ୟମ କରୁଥିବା ବେଳେ ବ୍ରଜରାଜନଗର ରେଳଷ୍ଟେସନରୁ କେ.ନୂଆଗାଁ ଥାନା ପୁଲିସ ହତ୍ୟା ଅଭିଯୁକ୍ତ ରାମକୃଷ୍ଣଙ୍କୁ ଗିରଫ କରିଥିଲା। ସେହିପରି ଗତ ବର୍ଷ ଡିସେମ୍ବର ୧୧ତାରିଖ ଭୋର ସମୟରେ ଗାନ୍ଧୀନଗର ୨ୟ ଲାଇନରେ ଅମ୍ବିକାନଗର ୨ୟ ଲାଇନ ନିବାସୀ ରଙ୍ଗ ସେଠୀ(୬୭)ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଥିଲା। କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ରଙ୍ଗ ସେଠୀଙ୍କ ଗଳାକାଟି ହତ୍ୟା କରିଥିବା ପ୍ରାଥମିକ ତଦନ୍ତ ବେଳେ ପୁଲିସ ଅନୁମାନ କରି ଏକ ହତ୍ୟା ମାମଲା ରୁଜୁ କରିଥିଲା। ରଙ୍ଗଙ୍କ କାହା ସହିତ ଶତ୍ରୁତା ନଥିବା ବେଳେ କିଏ ଓ କେଉଁ କାରଣରୁ ତାଙ୍କୁ ହତ୍ୟା କଲା ତାହାକୁ ନେଇ ପୁଲିସ ଚିନ୍ତାରେ ପଡିଯାଇଥିଲା। ତେବେ ପୁଲିସର ତଦନ୍ତରେ ଏକମାତ୍ର ସାହା ଥିଲା ଘଟଣାସ୍ଥଳର ସିସିଟିଭି ଫୁଟେଜ। ଉକ୍ତ ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ନିମଖଣ୍ଡି ବଡ଼ ସାହିର ହରିହର ଓରଫ୍ ବାପିନି ସାହୁ ନାମକ ଜଣେ ଯୁବକକୁ ଗିରଫ କରିବାରେ ସଫଳ ହୋଇଥିଲା। ଯଦି ଘଟଣା ସ୍ଥଳରେ ସିସିଟିଭି ନଥାନ୍ତା ତେବେ ପୁଲିସକୁ ଏହି ହତ୍ୟା ମାମଲାରେ ସଫଳତା ମିଳିବା କଷ୍ଟକର ହୋଇଥାନ୍ତା ବୋଲି ସ୍ୱୀକାର କରିଛି ଖୋଦ୍ ପୁଲିସ। ଏଭଳି ଅନେକ ନଜିର ରହିଛି ଯେଉଁଠାରେ ପୁଲିସକୁ ତଦନ୍ତରେ ସହାୟକ ହୋଇଛି ସିସିଟିଭି କ୍ୟାମେରା। ,ଣୁ ଏହାର ଭୂମିକା କେବଳ ପୁଲିସ ପାଇଁ କାହିଁକି ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ପାଇଁ ମଧ୍ୟ ଜରୁରୀ ହୋଇପଡିଛି। ଏନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମଙ୍କ କହିବା କଥା ହେଲା ଅପରାଧ ଓ ଅପରାଧୀଙ୍କ କାର୍ଯ୍ୟକଳାପ ଉପରେ ପୁଲିସର ସଦାସର୍ବଦା ତୀକ୍ଷ୍ଣ ନଜର ରହିଛି। କିନ୍ତୁ ଚୋରି, ହତ୍ୟା ଭଳି ବିଭିନ୍ନ ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ଗିରଫ କରିବାରେ ଶତ ପ୍ରତିଶତ ସଫଳତା ସିସିଟିଭି ଫୁଟେଜରୁ ହିଁ ପାଇଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଲୋକେ ଘରେ ଓ ବାହାରେ ସିସିଟିଭି ଲଗାଇବା ନିହାତି ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ସିସିଟିଭି ଲାଗିବା ଦ୍ୱାରା ସହରରେ ଟ୍ରାଫିକନିୟମ ଖିଲାପକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁଛି। ସେହିଭଳି ସିସିଟିଭି ଜରିଆରେ ସହରରେ ଅପରାଧିକ ମାମଲା ସଂଖ୍ୟା ମଧ୍ୟ ହ୍ରାସ ପାଇପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ୱାଟ୍କୋ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ



**ବ୍ରହ୍ମପୁର,୨ ।୧(ସମିସ):** ସୋମବାର ବିଳମ୍ବିତ ରାତିରେ ବ୍ରହ୍ମପୁର ୱାଟ୍କୋ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କାର୍ଯ୍ୟାଳୟର ସଂସ୍ଥାପନା ବିଭାଗର ଦୁଇଟି ପ୍ରକୋଷ୍ଠରେ ନିଆଁ ଲାଗି ଅନ୍ୟ ପ୍ରକୋଷ୍ଠଗୁଡିକୁ ବ୍ୟାପିବା ଫଳରେ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ସହ ଆସବାବପତ୍ର ମଧ୍ୟ ଜଳିପୋଡି ପାଉଁଶ ହୋଇଯାଇଛି। ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିବା ନେଇ ସେଠାରେ ନିୟୋଜିତ ଥିବା ରାତ୍ରି ଜଗୁଆଳି ଜାଣିବା ପରେ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ଦମକଳ ବାହିନୀ ଓ ଟାଟାପାୱାର ସହାୟତା କେନ୍ଦ୍ରକୁ ଖବର ଦିଆଯାଇଥିଲା। ପରେ ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ ସରବରାହକୁ ବିଚ୍ଛିନ୍ନ କରାଯାଇଥିଲା। ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୀର୍ଘ ସମୟ ଧରି ଅଗ୍ନିକାଣ୍ଡ ଯୋଗୁଁ କାର୍ଯ୍ୟାଳୟର କାନ୍ଥ ସହିତ ବହୁ କବାଟ ଓ ଝରକା ପୋଡ଼ି ନଷ୍ଟ ହୋଇଯାଇଛି। କାର୍ଯ୍ୟାଳୟର କେତେକ କମ୍ପ୍ୟୁଟର ଓ ପ୍ରିଣ୍ଟର ମଧ୍ୟ ପୋଡି ଯାଇଥିବା ଦେଖିବାକୁ ମିଳିଛି। ତେବେ ଏହି ଅଗ୍ନିକାଣ୍ଡ ସଟ୍ ସର୍କିଟ ଜନିତ ବୋଲି ପ୍ରାଥମିକ ପର୍ଯ୍ୟାୟ ତଦନ୍ତରେ ଅଗ୍ନିଶମ ବିଭାଗ ଜାଣିବାକୁ ପାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ସେପଟେ ରାତ୍ର ଜଗୁଆଳିଙ୍କର ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ ଧରଣର ଅଗ୍ନିକାଣ୍ଡକୁ ରୋକାଯାଇପାରିଥିବା କହିଛନ୍ତି ୱାଟକୋ ନିର୍ବାହୀଯନ୍ତ୍ରୀ ଇଂ ବିକାଶ ପାଢୀ। ଅଗ୍ନିକାଣ୍ଡରେ ଅନେକ ନଥିପତ୍ର ଓ ଆସବାବ ପତ୍ର ଜଳି ନଷ୍ଟ ହୋଇଯାଇଥିବା ବେଳେ ସେଥିମଧ୍ୟରୁ କଣ କଣ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଥିଲା ତାହା ଅନୁଧ୍ୟାନ କରାଯାଉଥିବା ସେ କହିଛନ୍ତି।

# ବୋମା ଖାଇ ଗୁରୁତର ଗାଈର ମୃତ୍ୟୁ

**ବ୍ରହ୍ମପୁର,୨ ।୧(ସମିସ):** ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ରାମପଲ୍ଲୀ ଗ୍ରାମରେ ଗୋଟିଏ ଗାଈ ବୋମା ଖାଇ ଗୁରୁତର ହୋଇଥିଲା। ଚିକିତ୍ସିତ ଅବସ୍ଥାରେ ତାର ମୃତ୍ୟୁ ଘଟିଥିବା ଜଣାଯାଇଛି। ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମର ଶିବ ସ୍ୱାଇଁଙ୍କ ପାଳିତ ଗାଈଟି ଗ୍ରାମ ନିକଟରେ ଥିବା ଚାଷ ଜମିରେ ବୁଲୁଥିଲା। ଉକ୍ତ ଚାଷ ଜମିରେ ବନ୍ୟଜନ୍ତୁଙ୍କ ଶିକାର ପାଇଁ ପୂର୍ବରୁ ପକାଯାଇଥିବ ଏକ ବୋମାକୁ ଖାଦ୍ୟ ଭାବି ଖାଇଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଗାଈଟିର ପାଟିରେ ବୋମାଟି ଫୁଟି ଯାଇଥିଲା। ଏହାପରେ ସ୍ଥାନୀୟ ଲୋକେ ଦେଖି ଗାଈର ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କରିଥିଲେ। ତେବେ କୌଣସି ଡାକ୍ତର ତାହାର ଚିକିତ୍ସା ପାଇଁ ଆସିନଥିଲେ। ପରେ ସେମାନେ ଏକ ଗାଡ଼ି ଯୋଗେ ଗାଈକୁ ବ୍ରହ୍ମପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ସମୟରେ ଗାଈଟିର ମୃତ୍ୟୁ ଘଟିଥିଲା।

# ସିୟୁଏସ୍ଏଇଡବ୍ଲୁଏ ପକ୍ଷରୁ ଟାଟା ପାୱାର ସିଇଓଙ୍କୁ ସମ୍ବର୍ଦ୍ଧନା




**ବ୍ରହ୍ମପୁର,୨ ।୧(ସମିସ):** ସାଉଥ୍କୋ ୟୁଟିଲିଟି ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଗଠନ(ସିୟୁଏସଏସଇଡବ୍ଲୁଏ) ପକ୍ଷରୁ ମଙ୍ଗଳବାର ନୂତନ ବର୍ଷ ଉପଲକ୍ଷେ ଟାଟା ପାୱାର ବରିଷ୍ଠ ଅଧିକାରୀଙ୍କ ସହ ସାକ୍ଷାତ କରି ନୂତନ ଇଂରେଜୀ ବର୍ଷର ଶୁଭେଚ୍ଛା ଜଣାଇଥିଲେ କର୍ମକର୍ତ୍ତା। ଏ ଅବସରେ ସଙ୍ଗଠନ ପକ୍ଷରୁ ଟାଟା ପାୱାର ମୁଖ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଅମିତ ଗର୍ଗ ଓ ଆଇଆର ସଞ୍ଜିବ କୌଶିକଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ସଂରକ୍ଷିତ ବର୍ଗ କର୍ମଚାରୀଙ୍କ ଦାବି ପୁରଣ କରିବା, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀଙ୍କ ନିମନ୍ତେ ଥିବା ସମସ୍ତ ସରକାରୀ ସୁବିଧା ଯୋଗାଇବା, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ଅଭିଯୋଗକୁ ଗୁରୁତ୍ୱ ଦେବା, ଉଦ୍ଦେଶ୍ୟ ମୂଳକ ଭାରେ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀଙ୍କୁ ହଇରାଣ ନକରିବା ଓ ଅଭିଯୋଗ ଉପରେ ଟାଳଟୁଳ ନିତୀ ଅବଲମ୍ବନ ନକରିବା ଭଳି ବିଭିନ୍ନ ଦାବିଗୁଡ଼ିକ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ ସଂଗଠନର ସଭାପତି ଇଂ ବିଦୁର ବେହେରା, ସାଧାରଣ ସମ୍ପାଦକ କ୍ଷୀରୋଦ କୁମାର ସେଠୀ, କାର୍ଯ୍ୟକାରୀ ସଭାପତି ପ୍ରେମଚାନ୍ଦ ବେହେରା ଓ ଉପ ସଭାପତି ଇଂ ରଞ୍ଜନ କୁମାର ମଲ୍ଲିକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ଆଇଟିଆଇରେ ବିଜୁ ବାବୁଙ୍କ ‘ସେଲ୍ଫି ପଏଣ୍ଟ’ ସ୍ଥାପନ

- ୨ଶହ କିଲୋ କଠିନ ବର୍ଜ୍ୟବସ୍ତୁରେ ନିର୍ମିତ ୧୦ ଫୁଟ ଉଚ୍ଚତାର ପ୍ରତିମୂର୍ତ୍ତି
- ନିର୍ମାଣ କରିବାକୁ ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ଲାଗିଛି ୧୫ ଦିନ




**ବ୍ରହ୍ମପୁର,୨ ।୧(ସମିସ):** ବ୍ରହ୍ମପୁର ସରକାରୀ ଆଇଟିଆଇ ବା ଶିଳ୍ପ ତାଲିମ ଅନୁଷ୍ଠାନ ସଦାସର୍ବଦା ବିଭିନ୍ନ ବିଷୟକୁ ନେଇ ଚର୍ଚ୍ଚାରେ ରହି ଆସିଛି। ବର୍ତ୍ତମାନ ପୁଣି ଏକ କିର୍ତ୍ତୀମାନ ସହ ଚର୍ଚ୍ଚାର ଘେରକୁ ଆସିଛି ଏହି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ। ବର୍ଜ୍ୟବସ୍ତୁର ସଦୁପଯୋଗ କରି ନଷ୍ଟରୁ ଶ୍ରେଷ୍ଠ ଭଳି ବିଭିନ୍ନ ପ୍ରକଳ୍ପ ଜରିଆରେ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କୃତ ମଧ୍ୟ ହୋଇସାରିଛି, ଏହି ଅନୁଷ୍ଠାନ। ଲିମ୍କା ବୁକ ଅଫ୍ ରେକର୍ଡସ, ଏସିଆ ବୁକ ଅଫ ରେକର୍ଡସ ଓ ସମ୍ମାନ ଜନକ ସ୍କଚ ଆୱାର୍ଡରେ ମଧ୍ୟ ପୁରସ୍କୃତ ହୋଇସାରିଛି ଅନୁଷ୍ଠାନର ବହୁ ପ୍ରକଳ୍ପ। ଅନୁଷ୍ଠାନର ଏହି ସଫଳତାର ଫର୍ଦ୍ଦରେ ଯୋଡି ହୋଇଯାଇଛି ଆଉ ଏକ ନୂଆପ୍ରକଳ୍ପ। ଏହି ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମାଣ ହୋଇଛି ୧୦ଫୁଟ ଉଚ୍ଚତା ତଥା ୨୦୦କିଲୋ ଓଜନ ବିଶିଷ୍ଟ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି। ଏହି ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ୧୫ଦିନ ସମୟ ଲାଗିଥିବା ବେଳେ ଏଥିରେ କେବଳ କଠିନ ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଇଥିବା ଜଣାପଡିଛି। ପ୍ରତିମୂର୍ତ୍ତିରେ ଫ୍ୟାନ ବିୟରିଂ, ମୋଟର ସାଇକେଲର ଚେନ, ଏକ୍ସେଲ, ନଟ ବୋଲ୍ଟ ଓ ଜିଆଇ ସିଟ ଭଳି କଠିନ ବର୍ଜ୍ୟବସ୍ତୁ ଗୁଡିକୁ ବ୍ୟବହାର କରାଯାଇଛି। ପ୍ରତିମୂର୍ତ୍ତିକୁ ଶିକ୍ଷାନୁଷ୍ଠାନର ମୁଖ୍ୟଫାଟକ ସମ୍ମୁଖରେ ପ୍ରତିଷ୍ଠା କରାଯାଇ ଏହାକୁ ‘ସେଲ୍ଫି ପଏଣ୍ଟ‘ ଭାବେ ରଖାଯାଇଛି। ଏହି ପ୍ରକଳ୍ପକୁ ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା ଓ ବ୍ରହ୍ମପୁର ସରକାରୀ ଆଇଟିଆଇର ଅଧକ୍ଷ ଇଂ ରଜତ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଉଦ୍ଘାଟନ କରିଛନ୍ତି। ଏଠାରେ ଫଟୋ ଉତ୍ତୋଳନ କରିବାକୁ ପ୍ରତ୍ୟହ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଭିଡ଼ ପରିଲକ୍ଷିତ ହେଉଛି।

## ଲକ୍ଷାଧିକ ଟଙ୍କାର ମୋବାଇଲ୍ ଫୋନ୍ ଚୋରି



**ପୁରୁଷୋତ୍ତମପୁର,୨ ।୧(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡରଖଲ୍ଲୀ ଗ୍ରାମର ଏକ ମୋବାଇଲ ଦୋକାନରୁ ସୋମବାର ମଧ୍ୟରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ସହ ନଗଦ ଦଶ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ପାଣ୍ଡରଖଲ୍ଲି ଗ୍ରାମର ସୁରେଶ ଚନ୍ଦ୍ର ବେହେରା ଏକ ମୋବାଇଲ୍ ଦୋକାନ ରହିଛି। ପ୍ରତିଦିନ ଭଳି ସେ ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ହେଲେ ରାତିରେ କେହି ଦୁର୍ବୃତ୍ତ ଦୋକାନ ଘରର ଝରକାକୁ ଭାଙ୍ଗି ଲକ୍ଷାଧିକ ଟଙ୍କାର ୧୦ଗୋଟି ଫୋନ୍ ସେଟ୍ ଓ ସୋକେସ୍ ଡ୍ରରରେ ଥିବା ନଗଦ ଦଶ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ସୁରେଶ ଏତେଲା ଦେଇଛନ୍ତି। ଥାନା ଅଧିକାରୀ ସମୀର କୁମାର ରାଉତଙ୍କ ନିର୍ଦ୍ଦେଶରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ଧାନ ମଣ୍ଡି ଉଦଘାଟିତ



**ଦିଗପହଣ୍ଡି,୨ ।୧(ସମିସ):** ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ ଏହାକୁ ଉଦଘାଟନ କରିଥିଲେ। ସମ୍ପାଦକ ସୁରେଶ କୁମାର ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅରୁଣ କୁମାର ସାହୁ, ଦେବୀ ପ୍ରସାଦ ରଥ, ପୂର୍ବତନ ନଗରପାଳ ଉଦୟନାଥ ସ୍ୱାଇଁ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରିକୃଷ୍ଣ ପଣ୍ଡା, ପୂର୍ବତନ କାଉନସିଲର ଏମ୍. ବାଇନାଥ, ଭି. ଉଦୟନାଥ ରାଜୁ, ଏମ୍. ସୁଦାମ, ସନ୍ତୋଷ କୁମାର ଗୌଧ , ପାଟ୍ଟା ପଙ୍ଗୁ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ।

### ଉନ୍ନୟନ କାର୍ଯ୍ୟର ସଫଳତା ନେଇ ବିଡିଓଙ୍କୁ ପ୍ରେରଣା ଦେଲେ ଜିଲ୍ଲାପାଳ

# ଫେବୃଆରୀ ୨୦ ପୂର୍ବରୁ ଧାନକିଣା ସାରିବାକୁ ପରାମର୍ଶ

**ଛତ୍ରପୁର,୨ ।୧(ସମିସ):** ଜିଲ୍ଲାପାଳଙ୍କ ଓସ୍ୱାନ ହଲଠାରେ ମଙ୍ଗଳବାର ସମସ୍ତ ଉନ୍ନୟନ କାର୍ଯ୍ୟର ସଦ୍ ବିନିଯୋଗ ଓ ଲୋକଙ୍କ ଉନ୍ନତି କଳ୍ପେ କରାଯାଉଥିବା ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ପ୍ରେରଣା ଯୋଗାଇଥିଲେ। ଆଗାମୀ ଦୁଇମାସର କାର୍ଯ୍ୟ ଖସଡା କିଭଳି ପ୍ରସ୍ତୁତ କରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷ ଭାବେ ଲକ୍ଷ୍ମୀ ବସ୍ ଯୋଜନା, ଆମ ଓଡିଶା ନବୀନ ଓଡିଶା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ଗ୍ରାମାଞ୍ଚଳରେ ଖୋଲିବାକୁ ଥିବା ବ୍ୟାଙ୍କ ଯୋଜନା, ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ କଳାପ, ଜନହିତକାରୀ ଯୋଜନା ଗୁଡିକର ସଫଳ ରୂପାୟନ ଦିଗରେ ଲୋକଙ୍କ ଅବଗତି ନିମନ୍ତେ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ( ଆଇ.ଇ.ସି) ଇତ୍ୟାଦି ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ନିଜ କାର୍ଯ୍ୟାଳୟରେ ବିଭିନ୍ନ ଟିମ ଗଠନ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟର ଦାୟିତ୍ୱ ଦେବାକୁ କହିଥିଲେ। ସମସ୍ତ ଜନହିତକଳ୍ପେ କାର୍ଯ୍ୟ ଗୁଡିକ ସ୍ଥାନୀୟ ଲୋକ ପ୍ରତିନିଧି ମାନଙ୍କ ସହଯୋଗ ନେଇ କରାଗଲେ ସମସ୍ତ କାର୍ଯ୍ୟ ସୁବିଧାରେ ହୋଇ ପାରିବ ଏବଂ ପ୍ରକୃତ ହିତାଧିକାରୀଗଣ ଉପକୃତ ହୋଇ ପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ମତବ୍ୟକ୍ତ କରିଥିଲେ। ବିଭିନ୍ନ ସରକାରୀ ଯୋଜନାର ହୋର୍ଡିଂ, ଅଡିଓ ଭିଡିଓ ଡକ୍ୟୁମେଣ୍ଟେସନ କରି



**ଖୁବ୍‌ଶୀଘ୍ର 'ଲକ୍ଷ୍ମୀ' ବସ୍ ସେବା**

**ନିର୍ବାଚନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ**

ସାମାଜିକ ଗଣ ମାଧ୍ୟମରେ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ। ଗଞ୍ଜାମ ଜିଲ୍ଲାରେ ୪୨ଲକ୍ଷ କ୍ୱିଣ୍ଟାଲ ଧାନ ଜିଲ୍ଲାର ଚାଷୀଙ୍କ ଠାରୁ ସଂଗ୍ରହ କରିବାର ଯୋଜନା ରହିଛି। ପ୍ରତ୍ୟେକ ସପ୍ତାହରେ ଧାନ ସଂଗ୍ରହ କରିବା ସମ୍ପର୍କିତ ବୈଠକ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହାୟତାରେ ବୈଠକ କରି କିଭଳି ଧାନ କିଣା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ସେ ସମ୍ପର୍କରେ ଆଲୋଚନା କରି ଧାନକିଣା ପ୍ରକ୍ରିୟାକୁ ତ୍ୱରାନ୍ୱୀତ କରିବାକୁ ପରାମର୍ଶ ଦେଇଥିଲେ। ଫେବୃୟାରୀ ମାସ ୨୦ସୁଦ୍ଧା ଜିଲ୍ଲାର ସମସ୍ତ ଚାଷୀଙ୍କଠାରୁ କିଭଳି ଧାନ ସଂଗ୍ରହ କରାଯାଇ ପାରିବ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନର ସୌନ୍ଦର୍ଯ୍ୟୀକରଣ, ଶୌଚାଳୟ ପ୍ରସ୍ତୁତି, ସ୍ମାର୍ଟକ୍ଲାସ ରୁମ୍, ପାଠାଗାର, ଲାବୋରେଟେରୀ, ପାନୀୟ ଜଳର ବ୍ୟବସ୍ଥା, ରଙ୍ଗ ଦେବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଗୁଡିକ ଯେଭଳି ଫେବୃୟାରୀ ମାସ ଶେଷ ସୁଦ୍ଧା ଶେଷ ହୋଇ ଉଦଘାଟନ ହେବ ସେଥି ସକାଶେ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାର ଅନ୍ୟତମ ଧାର୍ମିକ ପୀଠ ସ୍ଥଳୀ, କମ୍ୟୁନିଟି କେନ୍ଦ୍ର ଗୁଡିକର ସୌନ୍ଦର୍ଯ୍ୟୀକରଣ ରକ୍ଷଣାବେକ୍ଷଣ କାର୍ଯ୍ୟଗୁଡିକ ମଧ ଫେବୃୟାରୀ ଶେଷ ସୁଦ୍ଧା ସାରିବାକୁ ଜଣାଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନବୀନ କାର୍ଡର ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ଶତକଡା ୭୫ ପ୍ରତିଶତ ଲୋକଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରେ ନାମ ଅନ୍ତର୍ଭୁକ୍ତ ହୋଇ ସାରିଛି। ବଳକା ରହିଯାଇଥିବା ଲୋକଙ୍କୁ ପଞ୍ଜିକରଣ କରାଯାଇ ନବୀନ କାର୍ଡ ପ୍ରଦାନ କରାଯିବ ବୋଲି ଏଠାରେ କୁହାଯାଇଛି। ଏଥି ନିମନ୍ତେ ଗ୍ରାମାଞ୍ଚଳର ପ୍ରତ୍ୟେକ ଗୃହର ଯାଂଚ୍ କାର୍ଯ୍ୟ ପରିବାରର ମୁଖ୍ୟ ସଦସ୍ୟଙ୍କଠାରୁ ତଥ୍ୟ ସଂଗ୍ରହ କରିବା ପାଇଁ କୁହାଯାଇଛି। ଚଳିତବର୍ଷ ଏକକ ନିର୍ବାଚନ ଅନୁଷ୍ଠିତ ହେବ। ଏଥି ସକାଶେ ଭୋଟର ତାଲିକାର ସମ୍ପୂର୍ଣ୍ଣ ସଂଶୋଧନ, କୌଣସି ଭୋଟରଙ୍କ ନାମ ଯେମିତି ଭୋଟର ତାଲିକାରୁ ବାଦ ଯିବ ନାହିଁ ଏବଂ ନିର୍ବାଚନ ମଣ୍ଡଳୀରେ ଉପସ୍ଥିତ ଥାଇ ଯେଉଁ ମାନଙ୍କର ନାମ ଭୋଟର ତାଲିକାରୁ ବାଦ ପଡିଛି ସେମାନଙ୍କ ନାମ ପଞ୍ଜିକରଣ କରି ସଠିକ ଭୋଟର ତାଲିକା ପ୍ରକାଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୋଷ୍ଟାଲ ବ୍ୟାଲଟ୍‌ର ଆବଶ୍ୟକତା, ନିର୍ବାଚନ ସମ୍ପର୍କିତ ପ୍ରଶିକ୍ଷଣ, ଇଭିଏମ୍ ମେସିନ୍‌ର ବ୍ୟବହାର ଜନିତ ପ୍ରଶିକ୍ଷଣ ଇତ୍ୟାଦି ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଞ୍ଜାମ ଭି. କୀର୍ତ୍ତି ଭାସନ୍ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ପ୍ରତ୍ୟେକ ଯୋଜନାର ସମୀକ୍ଷା କରି ସେଗୁଡିକର କିଭଳି ସଫଳତା ହାସଲ କରିବ ଏବଂ କୌଣସିଠାରେ ଅସୁବିଧା ଦେଖାଗଲେ ସେ ସମ୍ପର୍କରେ ପଚାରି ବୁଝିବାକୁ ମତବ୍ୟକ୍ତ କରିଥିଲେ। ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସଂପୃକ୍ତ ଅଧିକାରୀ ଗଣ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ 'ନୂଆ-ଓ' ଉଦ୍‌ଯାପିତ



**ପୋଲସରା,୨ ।୧(ସମିସ):** ପୋଲସରା ନିକଟ ଲୁଣିଘାଟି ସ୍ଥିତ ପଡିଆରେ ମଙ୍ଗଳବାର ନୂଆ-ଓ ଅନ୍ତର୍ଗତ ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ବିଡ଼ିଓ କୁରେଶ ଚନ୍ଦ୍ର ଜାନିଙ୍କ ଅଧକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ବିକାଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ତହସିଲଦାର ରୁବି ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ଉପାଧକ୍ଷ କାହ୍ନୁ ଚରଣ ପରିଡା, ଏନଏସି ଅଧକ୍ଷା ସଙ୍ଗୀତ ବେହେରା, ଉପାଧକ୍ଷ ସନ୍ତୋଷ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ନିର୍ବାଚନ ମଣ୍ଡଳୀ ସଭାପତି ସୁଶାନ୍ତ କୁମାର ପୋଲେଇ, ସମାଜସେବୀ ନରେନ୍ଦ୍ର ଦେବତା, ସରପଞ୍ଚ ଉତ୍କଳ ପ୍ରଧାନ, ମନୋଜ କୁମାର ପରିଡ଼ା, ବସନ୍ତ କରଣ ସମେତ ସମସ୍ତ ଜନ ପ୍ରତିନିଧି ଉପସ୍ଥିତ ରହି କୃତି କ୍ରୀଡ଼ାବିତଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ବିଜେପିର କର୍ମକର୍ତ୍ତା ସମ୍ମିଳନୀ



**ସାନଖେମୁଣ୍ଡି,୨ ।୧(ସମିସ):** ସାନଖେମୁଣ୍ଡି ବିଜେପି ପକ୍ଷରୁ ପାଟପୁର ଠାକୁରାଣୀ ମନ୍ଦିରଠାରେ ଏକ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ଗୌତମ ରଣା ସଭାପତିତ୍ୱ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦଳକୁ ଆହୁରି ସୁଦୃଢ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଦାଧର ସ୍ୱାଇଁ, ନିର୍ବାଚନ ମଣ୍ଡଳ ପ୍ରଭାରୀ ଦୁର୍ଗା ଚରଣ ପଟ୍ଟନାୟକ, ମହିଳା ମୋର୍ଚ୍ଚା ଜିଲ୍ଲା ଉପସଭାପତି ଯମୁନା ନାୟକ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଏମ.ଚିନ୍ମୟ ରେଡି ପ୍ରମୁଖ ମଞ୍ଚାକ୍ଷଷିନ ଥିଲେ।

## ବୁଧବାର ଭଞ୍ଜନଗର ବ୍ଲକ୍‌ରେ ଖରିଫ ଧାନ ସଂଗ୍ରହ



**ଭଞ୍ଜନଗର,୨ ।୧(ସମିସ):** ବୁଧବାରଠାରୁ ଭଞ୍ଜନଗର ବ୍ଲକରେ ଚଳିତବର୍ଷର ଖରିଫ୍ ଧାନ କିଣା ଆରମ୍ଭ ହେବ। ଏନେଇ ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବିଡିଓ ଶଶିଭୂଷଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଭଞ୍ଜନଗର ବ୍ଲକର ମୋଟ ୪,୧୬୪ ଜଣ ଚାଷୀ ୧୨ଟି ପ୍ୟାକ୍ସ ଓ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ଧାନ ବିକିବା ପାଇଁ ନାମ ପଞ୍ଜିକରଣ କରିଛନ୍ତି। ନିକଟସ୍ଥ ମଣ୍ଡିରେ ଧାନ ବିକିବା ଲାଗି ଚାଷୀଙ୍କ ମୋବାଇଲକୁ ମେସେଜ୍ ଆସିଯାଇଛି। ସମସ୍ତ ପଞ୍ଜିକୃତ ଚାଷୀ ଯେପରି ଧାନ ବିକି ପାରିବେ ସେ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏବର୍ଷ ସାଧାରଣ ଧାନର ଦର କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ରହିଛି। ସେହିଭଳି ଗ୍ରେଡ୍-ଏ ଧାନର ଦର ୨୨୦୩ ଟଙ୍କା ରହିଛି। ଉକ୍ତ ବୈଠକରେ ଭଞ୍ଜନଗର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମହାପାତ୍ରଙ୍କ ସମେତ ଉପଖଣ୍ଡ ଯୋଗାଣ ଅଧିକାରୀ ଅସିତ୍ ମହାନ୍ତି, ତହସିଲଦାର ଉମାଶଙ୍କର ବେହେରା, ସିଡିପିଓ ବିଷ୍ଣୁ ପ୍ରିୟା ସେଠୀ, ବ୍ଲକ ଯୋଗାଣ ଅଧିକାରୀଙ୍କ ସମେତ ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିର ସମ୍ପାଦକ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଓ ମିଲର ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ "ନୂଆ-ଓ' କ୍ରୀଡ଼ା ଉତ୍ସବ

**ବୁଗୁଡା,୨ ।୧(ସମିସ):** ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ବ୍ଲକସ୍ତରୀୟ "ନୂଆ-ଓ' କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସନ୍ତୋଷ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାଢ଼ୀ, ପିପୁଲ୍ସ କଲେଜ ଅଧକ୍ଷ ହରିକୃଷ୍ଣ ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ପୁରୁଷ ଓ



ମହିଳା ବର୍ଗରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଗୁଡିକର ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ନୃସିଂହ ଦାଶ ସଂଯୋଜନା କରିଥିବା ବେଳେ ପରିଚାଳନାରେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର

**ସୋରଡ଼ା,୨ ।୧(ସମିସ):** ସୋରଡ଼ା ବ୍ଲକ କାର୍ଯ୍ୟାଳୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ଲକ ଅଧକ୍ଷ ସାଇବାଣୀ ମଲ୍ଲିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ମହିଳା ଓ ଶିଶୁ ବିକାଶ ଅଧିକାରୀ ସରୋଜିନୀ ବେହେରା, ସରପଞ୍ଚ ତ୍ରିଲୋଚନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଦିବ୍ୟଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଲାଗି ସରକାର ନାନାଦି ପ୍ରୟାସ କରୁଥିବା ବିଧାୟକ ଏଠାରେ କହିଥିଲେ। ଏହି ଶିବିର ମାଧ୍ୟମରେ ଉନ୍ନତ ଧରଣର ଉପକରଣ ବଣ୍ଟନ କରାଯିବା ସହ ବିଭିନ୍ନ ସୁବିଧା ଦିଆଯାଉଛି। ଏଥିରେ ସମସ୍ତ ଦିବ୍ୟାଙ୍ଗଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକର



କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ମୋଟ ୭୬୫ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଥିଲେ। ୧୩୨ଜଣଙ୍କୁ ବିଭିନ୍ନ ସହାୟକ ଉପକରଣ ଯଥା ଟ୍ରାଇ ସାଇକେଲ, ଶ୍ରବଣ ଯନ୍ତ୍ର ଆଦି ବଣ୍ଟନ କରାଯିବା ନେଇ କାର୍ଯ୍ୟଳୟ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କଲ୍ୟାଣି ଦାସ, ଉପ ସମାଜ ମଙ୍ଗଳ ଅଧିକାରୀ ଆଶିଷ ଶବର, ବ୍ଲକର ସମାଜ ମଙ୍ଗଳ ଅଧିକାରୀ ବିଶ୍ୱମିତ୍ରା ଦଳେଇ, ଆରତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀ ଉନ୍ନୟନ ସଂଗଠନର ପ୍ରତିଷ୍ଠା ଦିବସ ପାଳିତ

**କୁକୁଡ଼ାଖଣ୍ଡି,୨ ।୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ କଙ୍କିଆ ପଞ୍ଚାୟତ ଅଧିନ ରାଇପଡ଼ା ଗ୍ରାମ ପରିସରରେ ଗଞ୍ଜାମ ଜିଲ୍ଲା ଆଦିବାସୀ ଉନ୍ନୟନ ସଂଗଠନ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିଗପହଣ୍ଡି ସ୍ଥିତ ଶ୍ରୀ ମାଁ ହରିପ୍ରିୟା ଆଶ୍ରମର ମୁଖ୍ୟ ଯୋଗୀ ଦେବଦତ୍ତ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରତିଷ୍ଠା ଦିବସର ଶୁଭାରମ୍ଭ କରିଥିଲେ।

ସମ୍ମାନିତ ଅତିଥି ରୂପେ ଓଡ଼ିଶା ଧର୍ମଜାଗରଣ ପ୍ରମୁଖ ଡ ଜଳନ୍ଧର ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ପିତାମ୍ବର ସାହୁ ଏବଂ ରାଷ୍ଟ୍ରଦୀପ ପ୍ରସାର ସମିତିର କାର୍ଯ୍ୟକାରୀ ସଭାପତି ଡ଼. ସୁରେନ୍ଦ୍ର କହଁର, ଆଦିବାସୀ ଉନ୍ନୟନ ସଂଗଠନ ସଭାପତି ଶରତଚନ୍ଦ୍ର ମଲ୍ଲିକ, ଗଜପତି ଜିଲ୍ଲା ୮ନଂ ଜୋନର ସଭାପତି ଜୁରିଆ ମଲ୍ଲିକ, ଗଞ୍ଜାମ



ଜିଲ୍ଲା ଆଦିବାସୀ ଉନ୍ନୟନ ସଂଗଠନର ଉପଦେଷ୍ଟା ତ୍ରିନାଥ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରଶେଖର ନାୟକ, ସମିତିସଭ୍ୟ ମଦନମୋହନ ନାୟକ, କଙ୍କିଆ ଗ୍ରାମବିକାଶ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ର ନାଥ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।

ଏ ଅବସରରେ ଆଦିବାସୀ ଉନ୍ନୟନ ସଂଗଠନ ପକ୍ଷରୁ ସମସ୍ତ କର୍ମକର୍ତ୍ତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସନାତନ ଧର୍ମରକ୍ଷା, ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ଜାତିର ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଏଠାରେ କୁହାଯାଇଛି।

ଶ୍ରୀ ମହାରାଜଙ୍କୁ ଆଦିବାସୀ ସମାଜ ପକ୍ଷରୁ ଘଣ୍ଟ କୀର୍ତ୍ତନ ବଜାଇ ବିଶାଳ ପଟୁଆରରେ ସଭାମଣ୍ଡପକୁ ପାଛୋଟି ନେଇଥିଲେ। ଆଦିବାସୀ ଉନ୍ନୟନ ସଂଗଠନର ସଭାପତି ଶ୍ରୀ ମଲ୍ଲିକ ଜାତିର ପତାକା ଉତ୍ତୋଳନ କରିବା ସହ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପରିଶେଷରେ ଆଦିବାସୀ ସଂଗଠନ ପକ୍ଷରୁ ବିଭିନ୍ନ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ପ୍ରତିଷ୍ଠା ଦିବସରେ ଗଞ୍ଜାମ ଜିଲ୍ଲା ଆଦିବାସୀ କନ୍ଧ ସମାଜର ମହୁରୀ, ଚିକିଟି, ସୋରଡା ତାଲୁକା ଓ ଘଟକେଶ୍ୱର ମୁଠାର ପ୍ରାୟ ପାଞ୍ଚ ହଜାର ଆଦିବାସୀ ଯୋଗ ଦେଇଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

**ଦିଗପହଣ୍ଡି, ୨।୧(ସମିସ):** ଦିଗପହଣ୍ଡି ବ୍ଲକ ବି .ତୁରୁବୁଡି ପଞ୍ଚାୟତ ଝରିପଦର ଗ୍ରାମରେ ପ୍ରିୟଙ୍କା ଗୌଡ଼ (୨୪)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ମଙ୍ଗଳବାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଝରିପଦର ଗ୍ରାମର ସୀମାଞ୍ଚଳ ଗୌଡ଼। ଗଞ୍ଜାମ ଜିଲ୍ଲା ପାଟପୁର ଥାନା କେଶପୁର ଗ୍ରାମର ରମେଶ ଗୌଡ଼ଙ୍କ ଝିଅ ପ୍ରିୟଙ୍କା ସହ ସୀମାଞ୍ଚଳଙ୍କ ୨୦୧୮ରେ ବାହାଘର ହୋଇଥିଲା। ବାହାଘରର କିଛି ଦିନ ସୁଖ ଶାନ୍ତିରେ କଟିବା ପରେ ଅଧିକ ଯୌତୁକ ଦାବି କରି ପିୟଙ୍କାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଗତ ରବିବାର ପ୍ରିୟଙ୍କା ବିଷପାନ କରିଥିବା ଅଭିଯୋଗ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରିୟଙ୍କାର ମୃତ୍ୟୁ ହେବାପରେ ଏନେଇ ଶ୍ୱଶୁର ଘର ଲୋକେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏତଲାକୁ ଭିତ୍ତିକରି ପୁଲିସ ଥାନା ମାମଲା ନଂ. ୫୧୪/୨୩ ପ୍ରକାରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଥିଲା। ତେବେ ମଙ୍ଗଳବାର ଅଭିଯୁକ୍ତ ସୀମାଞ୍ଚଳଙ୍କୁ କୋର୍ଟଚାଲାଣ କରାଯାଇଛି।

### ଆଇଜର୍ ପ୍ରୋଜେକ୍ଟ ଇନଚାର୍ଜ ଓ ସିକ୍ୟୁରିଟି ଇନଚାର୍ଜଙ୍କୁ ଆକ୍ରମଣ ଘଟଣା

## ୪ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ବ୍ରହ୍ମପୁର, ୨।୧(ସମିସ)**

ଗୋଳନ୍ଥରା ଥାନା ଅନ୍ତର୍ଗତ ଲାଉଡି ଗାଁ ଠାରେ ଥିବା ନିର୍ମାଣାଧୀନ ଆଇଜର କ୍ୟାମ୍ପସ ପରିସରରେ ଗତ ବର୍ଷ ସେପ୍ଟେମ୍ବର ୫ତାରିଖରେ ପ୍ରୋଜେକ୍ଟ ଇନଚାର୍ଜ ଓ ସିକ୍ୟୁରିଟି ଇନଚାର୍ଜଙ୍କୁ ଆକ୍ରମଣ ଅଭିଯୋଗ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ୪ଅଭିଯୁକ୍ତ ମଙ୍ଗଳବାର ବ୍ରହ୍ମପୁର ଜେଏମଏଫସି(ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ସାନୁ ବେହେରା, ସଲିତ ପାତ୍ର, ଆକାଶ ପାତ୍ର ଓ ଆଲୋକ କୁମାର ନାୟକ। ସମସ୍ତ ୪ଜଣ ଅଭିଯୁକ୍ତ ନିଜ ଓକିଲଙ୍କ ଜରିଆରେ କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଉକ୍ତ ମାମଲାରେ ପୁଲିସ ପୂର୍ବରୁ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିସାରିଛି। ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୫ତାରିଖରେ ସ୍ଥାନୀୟ ଅଞ୍ଚଳର ୧୫ରୁ ଉର୍ଦ୍ଧ୍ୱ ଯୁବକ ହଠାତ କ୍ୟାମ୍ପସ ପରିସରରେ ପହଞ୍ଚି ପ୍ରୋଜେକ୍ଟ ଇନଚାର୍ଜ ବିକାଶ କୁମାର ରୁସ୍ତାଗିଙ୍କ ପ୍ରକୋଷ୍ଠରେ ଧସେଇ ପସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଯୁବକମାନେ ସାଙ୍ଗରେ ଧରିଥିବା ଲୁହା ରଡ଼ରେ ବିକାଶଙ୍କୁ ଆକ୍ରମଣ କରିଥିଲେ। ଘଟଣାକୁ ଦେଖି ସେଠାରେ ଉପସ୍ଥିତ ଥିବା ସିକ୍ୟୁରିଟି ଇନଚାର୍ଜ ଆରେୟା ରେ‡। ସେଠାରେ ପହଞ୍ଚିବାରୁ ଯୁବକମାନେ ଆରେୟାଙ୍କୁ ମଧ୍ୟ ଲୁହା ରଡରେ ଆକ୍ରମଣ କରିଥିଲେ। ଏଥିରେ ବିକାଶ ଓ ଆରେୟା ଆହତ ହୋଇଥିଲେ। ପରେ ଅନ୍ୟ କର୍ମଚାରୀମାନେ ସେଠାରେ ପହଞ୍ଚି ଯିବାରୁ ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଘଟଣାକୁ ନେଇ ବିକାଶଙ୍କ ପକ୍ଷରୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ■ ଦାମୀ କାର୍‌ରୁ ସାଢ଼େ ୧୦ ଲକ୍ଷ ଜବତ ଘଟଣା

## ତଦନ୍ତ ପାଇଁ ଆୟକର ବିଭାଗକୁ ଚିଠି ଲେଖିଲେ ଏସ୍‌ପି

**ବ୍ରହ୍ମପୁର, ୨।୧(ସମିସ):** ଗତ ବର୍ଷ ଡିସେମ୍ବର ମାସ ୧୨ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନା ଓ ଅନ୍ୟ ପୁଲିସ କର୍ମଚାରୀମାନେ ଲାଞ୍ଜିପଲ୍ଲୀ ଫାଣ୍ଡି ସମ୍ମୁଖରେ ନାକାବନ୍ଦୀ କରୁଥିଲେ। ରାତି ପ୍ରାୟ ସାଢେ ୧ଟା ବେଳେ ବ୍ରହ୍ମପୁର ସହରକୁ ପ୍ରବେଶ କରୁଥିବା ଏକ ଦାମୀ କାରକୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେହି କାର ଭିତରୁ ସାଢେ ୧୦ଲକ୍ଷ ଟଙ୍କା ମିଳିଥିଲା। ଡ୍ରାଇଭରଙ୍କ ବ୍ୟତୀତ କାରରେ ଆଉ କେହି ନଥିଲେ। ଚାଳକଙ୍କ ନାମ ଚନ୍ଦ୍ରଶେଖର ଦାସ ଏବଂ ସେ ବ୍ରହ୍ମପୁର ଅନ୍ଧପସରା ରୋଡ ଏକ ଆପାର୍ଟମେଣ୍ଟରେ ରହୁଥିବା ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ସେହି ଟଙ୍କା ବିଷୟରେ ପଚରାଉଚରା କରିବା ବେଳେ ଚନ୍ଦ୍ରଶେଖର ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ପରେ ପୁଲିସ ସମସ୍ତ ଟଙ୍କାକୁ ଜବତ କରି ଫାଣ୍ଡିରେ ରଖିବା ସହ ଏହି ଟଙ୍କା ସମ୍ପର୍କରେ ଉପଯୁକ୍ତ କାଗଜପତ୍ର ଦାଖଲ କରିବାକୁ ଚନ୍ଦ୍ରଶେଖରଙ୍କୁ ସମୟ ଦେଇଥିଲେ। ଉକ୍ତ ଟଙ୍କା ପଛରେ କାହାର ହାତ ରହିଛି ଓ ଚନ୍ଦ୍ରଶେଖରଙ୍କ ଆୟର ମାଧ୍ୟମ ବିଷୟରେ ଜାଣିବାକୁ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ରାଜ୍ୟ ଆୟକର ବିଭାଗ ମୁଖ୍ୟ ଆୟୁକ୍ତଙ୍କୁ ଏହାର ତଦନ୍ତ କରିବାକୁ ଚିଠି ଲେଖିଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ, ଜଣେ ଗିରଫ

**ବ୍ରହ୍ମପୁର, ୨।୧(ସମିସ):** ଜଣୈକା ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ମହିଳା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ଅନୀଲ କୁମାର ସାହୁ(୨୦)। ଅଭିଯୁକ୍ତ ଓ ପିଡିତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିବା ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଅନୀଲ ପ୍ରେମ ନିବେଦନ କରିଥିଲେ। ପରେ ହାଇଦ୍ରାବାଦ ସମେତ ବିଭିନ୍ନ ସ୍ଥାନକୁ ନାବାଳିକାଙ୍କୁ ନେଇ ବୁଲିବାକୁ ଯାଇଥିଲା। ସେଠାରେ ନାବାଳିକାଙ୍କୁ ଅଭିଯୁକ୍ତ ବଳପୂର୍ବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସେଠାରୁ କୌଶଳକ୍ରମେ ନାବାଳିକା ଖସି ଆସି ଘଟଣା ସମ୍ପର୍କରେ ନିଜ ପରିବାର ବର୍ଗଙ୍କୁ ଜଣାଇଥିଲେ। ଝିଅ ଠାରୁ ଘଟଣା ବିଷୟରେ ଜାଣିବା ପରେ ପରିବାର ଲୋକେ ଏନେଇ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ପିଡିତାଙ୍କ ବୟାନ ରେକର୍ଡ ପରେ ପୁଲିସ ଅଭିଯୁକ୍ତ ଅନୀଲକୁ ଗିରଫ କରିଥିଲା।

## ଶିକ୍ଷକଙ୍କ ଟଙ୍କା ଲୁଟ୍, ଅଭିଯୁକ୍ତ ଗିରଫ

**ଦିଗପହଣ୍ଡି, ୨।୧(ସମିସ):** ଦିଗପହଣ୍ଡି ପୁଞ୍ଜିକୟାଁ ଛକର ଏକ ତେଜରାତି ଦୋକାନ ଆଗରୁ ଜଣେ ଶିକ୍ଷକଙ୍କ ବାଇକରୁ ଟଙ୍କା ଲୁଟ୍ ମାମଲାର ପର୍ଦ୍ଦାଫାସ ହୋଇଛି। ବ୍ରହ୍ମପୁର ଗୋଷାଣି ନୂଆଗାଁ ପୋଲିସ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଆନ୍ଧ୍ରପ୍ରଦେଶ ନେଲୋର ଜିଲ୍ଲା ବିଟେରଗୁଣ୍ଟା ଥାନା ଅନ୍ତର୍ଗତ ତିପାଗ୍ରାମ ଦ୍ୱିତୀୟ ଲେନର ପେଟଲା. ଅନିଲ ନାମକ ଜଣେ ଯୁବକଙ୍କୁ ପଚରାଉଚରା କରିବା ସମୟରେ ଲୁଟ୍ ଘଟଣାକୁ ସ୍ୱୀକାର କରିଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକ ଜଣକ ବର୍ତ୍ତମାନ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବ୍ରହ୍ମପୁର ଜେଲ ହାଜତରେ ଥିବା ବେଳେ ଦିଗପହଣ୍ଡି ଲୁଟ୍ ମାମଲାର ତଦନ୍ତକାରୀ ଅଧିକାରୀ ମାଧବ ଚନ୍ଦ୍ର ଟାକିରି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଦିଗପହଣ୍ଡି କୋର୍ଟରେ ହାଜର କରିଥିଲେ। ସେଠାରେ ଜାମିନ ଅଭାବରୁ ଅଭିଯୁକ୍ତଙ୍କୁ ପୁଣି ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି।ଗତ ୧୯.୮.୨୩ ତାରିଖ ସନ୍ଧ୍ୟାରେ ପଦ୍ମନାଭପୁର ଗ୍ରାମର ଶିକ୍ଷକ ମନୋଜ କୁମାର ଚୌଧୁରୀ ବିଦ୍ୟାଳୟରୁ ଫେରି ତେଜରାତି ଜିନିଷ କିଣୁଥିବାବେଳେ ତାଙ୍କ ବାଇକରୁ ୪୦ ହଜାର ଟଙ୍କା ଲୁଟ୍ ହୋଇଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ ସମୟରେ ଦୁଇ ଲୁଟେରାଙ୍କ ଚେହେରା ସ୍ପଷ୍ଟ ଜଣାପଡ଼ିଥିଲେ ମଧ୍ୟ ପରିଚୟ ଜଣାପଡ଼ିନଥିଲା। ତେବେ ସେହି ନେଲୋର ଜିଲ୍ଲାର ଜି.ରାଜୁ ନାମକ ଅନ୍ୟ ଜଣେ ଅଭିଯୁକ୍ତ ମଧ୍ୟ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ଜଣା ପଡ଼ିଥିବା ବେଳେ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ପୁଲିସ କହିଛି।

## ଏମକେସିଜିରୁ ଗଜ୍ କନା ଚୋରି ଅଭିଯୋଗ, ପୁଣି ଗିରଫ ହେଲେ ମିଟୁ

**ବ୍ରହ୍ମପୁର, ୨।୧(ସମିସ):** ବ୍ରହ୍ମପୁର ଏମକେସିଜି ମେଡିକାଲରୁ ଗଜ୍ କନା ଚୋରି କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଏମକେସିଜି ମେଡିକାଲର କର୍ମଚାରୀ ମିଟୁ ଦଳବେହେରା(୪୧)। ମିଟୁ ପୂର୍ବରୁ ଏମକେସିଜି ମେଡିକାଲରୁ ଔଷଧ ଚୋରି କରିବା ସହ ଅନ୍ୟାନ୍ୟ ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିଲା। ସୂଚନାଯୋଗ୍ୟ ଯେ, ସୋମବାର ଏମକେସିଜି ମେଡିକାଲରେ କାର୍ଯ୍ୟରତ ସୁରକ୍ଷାକର୍ମୀ କେ. ଉମା ମହେଶ ପୁରୁଣା ଇନଡୋର ତଳ ମହଲାରେ ଡ୍ୟୁଟିରେ ଥିଲେ। ସନ୍ଧ୍ୟା ସାଢେ ୭ଟା ସମୟରେ ତଳ ମହଲାରେ ଥିବା ଷ୍ଟୋର ରୁମ ଭିତରୁ କିଛି ଶବ୍ଦ ବାହାରୁଥିବା ଉମା ଶୁଣିବାକୁ ପାଇଥିଲେ। ସେ ଷ୍ଟୋର ରୁମ ଭିତରକୁ ଯାଇ ଦେଖିବା ବେଳକୁ ମିଟୁ ଦଳବେହେରା ସେଠାରେ ଗଜ୍ କନା ବଣ୍ଡଲ ବାହାର କରୁଥିଲା। ତେବେ ସୁରକ୍ଷାକର୍ମୀଙ୍କୁ ଦେଖି ମିଟୁ ଦୌଡି ପଳାଇଥିଲା। ଏହି ଚୋରି ଘଟଣା ସମ୍ପର୍କରେ ସୁରକ୍ଷାକର୍ମୀ ଉମା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ମଙ୍ଗଳବାର ଅଭିଯୁକ୍ତ ମିଟୁ ଦଳବେହେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଥାଉକି, ମିଟୁ ଦଳବେହେରା ଏମକେସିଜି ମେଡିକାଲରେ ଜଣେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରନ୍ତି। କିଛି ମାସ ପୂର୍ବେ ସେ ସର୍ଜରୀ ବିଭାଗ କୋଠାରୁ ଔଷଧ ଚୋରି କରିବା ଅଭିଯୋଗରେ ଗିରଫ ହୋଇଥିଲେ। ମିଟୁଙ୍କ ବାରମ୍ବାର ଏଭଳି କଳାକାରନାମା ପାଇଁ ଏମକେସିଜି କର୍ତ୍ତୃପକ୍ଷ ମିଟୁଙ୍କୁ ପୂର୍ବରୁ ଚାକିରିରୁ ନିଲମ୍ବିତ ମଧ୍ୟ କରିଛନ୍ତି।

## ମାଣ୍ଡିଆ କେକ କାଟି ପାଳିଲେ ନୂଆ ବର୍ଷ



**ଟିକାବାଲି, ୨।୧(ସମିସ):** ଟିକାବାଲି ବ୍ଲକ ଅନ୍ତର୍ଗତ ଛତିଝାର ଛକରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଦ୍ୱାରା ସୁରକ୍ଷିତ ମାତୃତ୍ୱ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ପରିଚାଳିତ ଗର୍ଭବତୀ ମା' ମାନଙ୍କର ମାଆ ଗୃହ ଠାରେ ନୂତନ ବର୍ଷ ଅବସରରେ ମାଣ୍ଡିଆ କେକ କାଟି ପ୍ରଥମ ମାଣ୍ଡିଆ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପାନମାଣୀ ହାଁସଦା, ସ୍ୱାସ୍ଥ୍ୟ କେନ୍ଦ୍ରରୁ ସ୍ୱସ୍ଥ୍ୟକର୍ମୀ, ସ୍ୱାତୀ ଅନୁଷ୍ଠାନର ସ୍ୱାସ୍ଥ୍ୟକର୍ମୀ ଏବଂ ମା'ଗୃହରେ ଥିବା ମା ମାନେ ଉପସ୍ଥିତ ଥିଲେ।

## କବି ଗୋପାଳକୃଷ୍ଣ ମୁକ୍ତାକାଶ ରଙ୍ଗମଞ୍ଚ ଉଦ୍‌ଘାଟିତ




**ବ୍ରହ୍ମପୁର, ୨।୧(ସମିସ):** ସ୍ଥାନୀୟ କଳାକେନ୍ଦ୍ର ପରିସରରେ ମଙ୍ଗଳବାର ଜାତୀୟ ସଙ୍ଗୀତ କଳାକେନ୍ଦ୍ର ପକ୍ଷରୁ କବି ଗୋପାଳକୃଷ୍ଣ ମୁକ୍ତାକାଶ ରଙ୍ଗମଞ୍ଚ ଉଦଘାଟିତ ହୋଇଯାଇଛି। ବର୍ଷିୟାନ କବି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ସଭାପତି ଡା. ତିରୁପତି ସାହୁ ଯୋଗଦେଇ ରଙ୍ଗମଞ୍ଚକୁ ଉଦଘାଟନ କରିଥିଲେ। ମଞ୍ଚ ପକ୍ଷରୁ ଲୋକକଳା ଓ ଲୋକ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ବିଶେଷ ସହାୟତା କରିବା ଆଶାପୋଷଣ ସହ କଳାକେନ୍ଦ୍ରର ମହନୀୟ ସାଂସ୍କୃତିକ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ପଦ୍ମିନୀ ମିଶ୍ରଙ୍କ କବିତା ସଂଯୋଜନାରେ ଏକ ନବବର୍ଷ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବହୁ କବି ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ ସଭାରେ କଳାକେନ୍ଦ୍ରର ସଭାପତି ଶିକ୍ଷାପ୍ରଦୀପ ଦେବୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଦେବୀ ପ୍ରସାଦ ମହାପାତ୍ର ଯୋଗଦେଇ ସଂସ୍କୃତି ସୁରକ୍ଷା କ୍ଷେତ୍ରରେ କଳାକେନ୍ଦ୍ରର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଳାକେନ୍ଦ୍ର ପକ୍ଷରୁ ପ୍ରଦୀପ ସାହୁ ଓ କବି ମହାପାତ୍ରଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏତିରେ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସଂଯୋଜନାରେ କଳାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷିତ ହୋଇଥିଲା। କଳାକେନ୍ଦ୍ରର ସମ୍ପାଦକ କୃଷ୍ଣ ପ୍ରସାଦ ସାବତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଆଇନଜୀବୀ କିରଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କମଧ୍ୟରେ ପ୍ରଶାନ୍ତ କୁମାର ଦାସ, ସୁବାସ ଚନ୍ଦ୍ର ସାହୁ, ଆଶୁତୋଷ ମହାପାତ୍ର, ନୀଳାଞ୍ଚଳ ମହାରଣା, ରାମ ପ୍ରସାଦ ସାବତ ଓ ନୃତ୍ୟ ଗୁରୁ ଶୁଭଶ୍ରୀ ସାବତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା' ଠାକୁରାଣୀ ମନ୍ଦିରର ମୁଖ୍ୟ ପୂଜକଙ୍କ ପରଲୋକ

### ● ବିଧାୟକ, ପୂର୍ବତନ ବିଧାୟକଙ୍କ ଶୋକ



**ନନ୍ଦପୁର,୨।୧(ସମିସ):** ନନ୍ଦପୁର ପ୍ରସିଦ୍ଧ ମା' ଠାକୁରାଣୀ ମନ୍ଦିର ମୁଖ୍ୟ ପୂଜକ ପୂର୍ଣ୍ଣ ଦିଆରୀଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିବାବେଳେ ଗତ ୧୫ ଦିନ ହେବ ତାଙ୍କ ଶରୀର ଅସୁସ୍ଥ ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ ସନ୍ତୋଷ ଦିଆରୀ, ବିଜେଡି ସାମାଜିକ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଦିଆରୀଙ୍କ ସହ ତାଙ୍କ ଦୁଇ ଭଉଣୀ, ଭଉଣୀ ଜ୍ୱାଇଁ, ନିଲ ଟାକ୍ରି, କାଞ୍ଚନ ଟାକ୍ରି, ଗୌରୀ ହନ୍ତାଳ, ଜନାର୍ଦ୍ଦନ ହନ୍ତାଳ ଉପସ୍ଥିତ ଥିଲେ। ସ୍ୱର୍ଗତ ଦିଆରୀ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରଥ ଯାତ୍ରାରେ ଡାହୁକ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ପଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡ଼ାମ, ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ତହସିଲଦାର ଅନାଦି ଚରଣ ସାହୁ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ନନ୍ଦପୁର ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ବିଜେଡି ଜିଲ୍ଲା ସମ୍ପାଦକ ମୁନା ଦଳପତି, ସାମାଜିକ କର୍ମୀ ବିପିନ ମହାନ୍ତି, ଲୋକନାଥ ଚୌଧୁରୀ, ଲିଙ୍ଗରାଜ ଚୌଧୁରୀ, ଅନନ୍ତ ରାମ ମାଟାମ, ପୂର୍ବତନ ବ୍ଲକ୍ ଅଧକ୍ଷ ଗୋପାଳ ମାଟାମା, ଭଗବାନ ପେଟିଆଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଶ୍ରୀ ଦିଆରୀଙ୍କ ମୃତ୍ୟୁ ନନ୍ଦପୁରବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଧାୟକ ଶ୍ରୀ ପାଙ୍ଗି କହିଛନ୍ତି।

## ଜାତୀୟ କବାଡ଼ି ପ୍ରତିଯୋଗିତାରେ ତେଜସ୍ୱିନୀ




**କୁକୁଡ଼ାଖଣ୍ଡି, ୨।୧(ସମିସ):** ଜାନୁଆରୀ ୩ ରୁ ୮ ତାରିଖ ଯାଏଁ ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହେବାକୁ ଥିବା ୬୭ତମ ଜାତୀୟ ବିଦ୍ୟାଳୟ କବାଡି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାତ୍ରା କରିଛନ୍ତି କୁକୁଡ଼ାଖଣ୍ଡି ବ୍ଲକ କୁସୁମୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ତେଜସ୍ୱୀନି ରାଉତ। ପାଣ୍ଡିଆଝୋଲି ଗ୍ରାମର ଚାଷୀ ସୁଧୀର ରାଉତଙ୍କ ଝିଅ ତେଜସ୍ୱୀନି ବ୍ରହ୍ମପୁରରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ତେଜସ୍ୱୀନୀ ପାଣ୍ଡିଆଝୋଲି ଗ୍ରାମର ପ୍ରଥମ ଝିଅ ଅଟନ୍ତି ଯିଏକି ଜାତୀୟସ୍ତରୀୟ କ୍ରୀଡାରେ ଭାଗ ନେବା ପାଇଁ ଯାତ୍ରା କରିଛନ୍ତି। ଜାତୀୟ ସ୍ତରରେ ମଧ୍ୟ ସେ ଭଲ ପ୍ରଦର୍ଶନ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥୀ ସ୍ୱାଇଁ, ଆଦର୍ଶ ବିଦ୍ୟାଳୟ କୁସୁମୀର ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ମିଶ୍ର, ଭାରାପ୍ରାପ୍ତ ଅଧକ୍ଷ ଜଗନ୍ନାଥ ମହାରଣା ଆଶା ପ୍ରକାଶ କରିଛନ୍ତି।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖାଦ୍ୟସାମଗ୍ରୀ ବଣ୍ଟନ ସହ ନୂତନବର୍ଷ ପାଳିତ

**ବ୍ରହ୍ମପୁର, ୨।୧(ସମିସ):** ସ୍ଥାନୀୟ ଫ୍ରେଣ୍ଡସ୍ ୱେଲଫର କ୍ଲବ ପକ୍ଷରୁ ଇଂରାଜୀ ନୂଆବର୍ଷ ଉପଲକ୍ଷେ ନିରାଶ୍ରୟ ବ୍ୟକ୍ତିଙ୍କୁ କମଳ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। କ୍ଲବର ସଦସ୍ୟମାନେ ରେଳ ଷ୍ଟେସନ, ପୁରୁଣା ବସଷ୍ଟାଣ୍ଡ, ଆସିକା ରୋଡ଼ ସମେତ ସହରର ବିଭିନ୍ନ ସ୍ଥାନରେ ଅସହାୟ ବ୍ୟକ୍ତିଙ୍କୁ ଏହି ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହା ସହ କ୍ଲବର ସଦସ୍ୟମାନେ କେକ କାଟି ନୂତନ ବର୍ଷ ପାଳନ କରିବା ସହ ନିଜ ନିଜ ମଧ୍ୟରେ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ କ୍ଲବର ସଭାପତି କେ. ଶ୍ରୀନିବାସ ରାଓ, ଉପଭାପତି ଏ. ଚକ୍ରଧର ରାଓ, ସମ୍ପାଦକ ବି. ଭେଙ୍କଟ ରାଓ, କୋଷାଧକ୍ଷ ସିଏଚ. ଦୁର୍ଗା ପ୍ରସାଦ, ସୁଧୀର କୁମାର ପଟ୍ଟନାୟକ, ଆର. ଶେଖର ରାଓ ଆଚାରୀ ଓ କେ. ରବି ବାବୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ନୀଳକଣ୍ଠେଶ୍ୱର ୱେଲଫର କ୍ଲବ ପକ୍ଷରୁ ମଧ୍ୟ ନୂତନ ବର୍ଷର ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଦେବ ଦୁର୍ଲ୍ଲଭ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୧୪ନମ୍ବର ୱାର୍ଡ଼ କର୍ପୋରେଟର ଗୀତାଞ୍ଜଳି ପଣ୍ଡା ଯୋଗ ଦେଇ କ୍ଲବ ସଦସ୍ୟମାନଙ୍କ ପକ୍ଷରୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ କ୍ଲବ କୋଷାଧକ୍ଷ ବିଦ୍ୟାଧର ପାଢ଼ୀଙ୍କ ଜନ୍ମ ଦିନ ପାଳିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପ ସଭାପତି ଦିଲୀପ କୁମାର ପାଢ଼ୀ, ସମ୍ପାଦକ ପ୍ରଦୀପ କୁମାର ପାତ୍ର, ସନ୍ତୋଷ କୁମାର ବେହେରା, ଦ୍ୱାରିକା ପ୍ରସାଦ ମହାନ୍ତି, ସୁନିଲ କୁମାର ସାହୁ, ନୂତନ ଚକ୍ରବର୍ତ୍ତୀ, ରାଜକିଶୋର ମିଶ୍ର, ଚନ୍ଦ୍ରମଣି ବିଷୋୟୀ, ଆଶୁତୋଷ ସାହୁ, ସନ୍ତୋଷ କୁମାର ସାହୁ, ରାଜେଶ କୁମାର ମହାରଣା, ତ୍ରିନାଥ ରାଓ, ସିମାଞ୍ଚଳ ସାହୁ ଓ ସମାଜସେବୀ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ସେହିପରି ବ୍ରହ୍ମପୁର ଷ୍ଟେସନରେ ସୁରଭି ପ୍ରଗତିଶୀଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅସହରାୟ ବ୍ୟକ୍ତିଙ୍କୁ ରନ୍ଧା ଖାଦ୍ୟ ସହ କମ୍ବଳ ବଣ୍ଟନ କରାଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଉଷାରାଣୀ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୋଜାଲିନ ସାହୁ, ଅହଲ୍ୟା ପଟ୍ଟନାୟକ, ରିନା ମହାପାତ୍ର, ସୁଦିପ ପଣ୍ଡା, ହୃଷିକେଶ ପଣ୍ଡାଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

### ପାଇପ୍ ବିଛାଇବା ପାଇଁ ଖୋଳାଯାଉଛି ରାସ୍ତାଘାଟ, ହେଉନି ମରାମତି

## ଦୁର୍ଘଟଣା ବୃଦ୍ଧି ସହ କୁହୁଳୁଛି ଜନଅସନ୍ତୋଷ

**ବ୍ରହ୍ମପୁର, ୨।୧(ସମିସ)**

ଖାଖମାରେ ପରିପୂର୍ଣ୍ଣ ରାସ୍ତାଘାଟ ସହରବାସୀଙ୍କ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ହୋଇଛି। ସହରର ଗଳିକନ୍ଦିରେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାସ୍ତାଘାଟ ତିଆରି କରାଯାଉଥିବା ବେଳେ ପାଇପ ଲାଇନ ବିଛାଇବା ପାଇଁ ଉକ୍ତ ରାସ୍ତାଗୁଡିକୁ ଖୋଳିବାରେ ବ୍ୟସ୍ତ ୱାଟକୋ। ଏଥିରୁ ବାଦ ପଡୁନି ସହର ମଧ୍ୟଦେଇ ଯାଇଥିବା ୫୯ନମ୍ବର ଜାତତୀୟ ରାଜପଥ। ସବୁଠାରୁ ବଡକଥା ହେଲା ମରାମତି ପାଇଁ ହେଉ ଅଥବା ପାଇପ ବିଛାଇବା ପାଇଁ ହେଉ କାମ ସରିବା ପରେ ମଧ୍ୟ ମାସ ମାସ ଧରି ଖୋଳା ଯାଇଥିବା ଉକ୍ତ ରାସ୍ତାର ମରାମତି କରାଯାଉନାହିଁ। ଫଳରେ ସହରବାସୀଙ୍କୁ ଯାତାୟତରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ଛୋଟଛୋଟ ପିଲାଙ୍କୁ ସ୍କୁଲ ଯିବାଆସିବାରେ ମଧ୍ୟ ସମସ୍ୟା ସଅଷ୍ଟି ହେଉଛି। ରାସ୍ତାଘାଟର ଏଭଳି ସ୍ଥିତି ଯୋଗୁଁ ସ୬ହରରେ ଦୁର୍ଘଟଣା ସଂଖ୍ୟା ଓ ଏତିଜନିତ ଆହତଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।




ରାସ୍ତାଘାଟର ଏଭଳି ଦୟନୀୟ ସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଜନ ଅସନ୍ତୋଷ କୁହୁଳିବାରେ ଲାଗିଛି। ରାସ୍ତାର ଉଭୟ ପାର୍ଶ୍ୱରେ ବିଇଏମସି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଲାପଥ ପାଇଁ ପେଭର ବ୍ଲକ ବିଛାଇ ରାସ୍ତା ନିର୍ମାଣ କରାଯାଇଥିଲା। ଏଥିପାଇଁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଉଛି। ତେବେ ପରବର୍ତ୍ତି ସମୟରେ ଜଳଯୋଗାଣ ପାଇଁ ପାଇପ ବିଛା କାମ ପାଇଁ ପୁଣି ଉକ୍ତ ରାସ୍ତାକୁ ଜେସିବି ଜରିଆରେ ଖୋଳି ବାହାର କରିଦିଆଯାଉଥିବା ଦେଖିବାକୁ ମିଳିଛି। କମ୍ମାପଲ୍ଲୀ ଛକରୁ ଆରମ୍ଭ କରି କୋର୍ଟପେଟା ଛକ ପର୍ଯ୍ୟନ୍ତ ଏବଂ ଆଙ୍କୋଲି-ଲାଞ୍ଜିପଲ୍ଲୀ ରାସ୍ତା ଦୁର୍ଗାମନ୍ଦିର ପାର୍ଶ୍ୱରେ ପକାଯାଇଥିବା ପେଭର୍ ବ୍ଲକକୁ ମଧ୍ୟ ଖୋଳି ଦିଆଯାଇଛି। ସେହିପରି ଦୁର୍ନୀତି ନିବାରଣ କର୍ଯ୍ୟାଳୟ ସମ୍ମୁଖ ରାସ୍ତା, ଗେଟବଜାର ଅଞ୍ଚଳ, ବଡ଼ବଜାର, ସାନବଜାର ଓ ନେହେରୁ ନଗର ସମେତ କିଛି

### ● ୱାଟ୍‌କୋ-ବିଇଏମ୍‌ସି ମଧ୍ୟରେ ସମନ୍ୱୟର ଅଭାବକୁ ଦାୟୀ କଲେ ସହରବାସୀ

ସାହିର ରାସ୍ତାଘାଟ ଅବସ୍ଥା ଅତ୍ୟନ୍ତ ଖରାପ ଥିବା ଦେଖିବାକୁ ମିଳିଛି। ସେହିପରି କେତେକ ଅଞ୍ଚଳରେ ପାଇପ ବିଛାଇବା ନିମନ୍ତେ ରାସ୍ତା ଖୋଳା ଯାଇଥିଲେ ହେଁ ପାଇପ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇନଥିବା ଦେଖିବାକୁ ମିଳିଛି। ଏଭଳି ଭାବେ ସହରର ବିଭିନ୍ନ ରାସ୍ତା ଖାଲ ଢିପ ହୋଇଥିବା ବେଳେ ବିପଦପୂର୍ଣ୍ଣ ଅବସ୍ଥାରେ ଅଞ୍ଚଳବାସୀ ଯାତାୟାତ କରୁଛନ୍ତି। ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ମରାମତି ହୋଇନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ପାଇପ ବିଛାଇବା ଓ ରାସ୍ତା ମରାମତିକୁ ନେଇ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଓ ୱାଟକୋ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ସେପଟେ ସହର ମଧ୍ୟ ଦେଇ ଯିଥିବା ଜାତୀୟ ରାଜପଥର ମଧ୍ୟ ସଠିକ ତଥା ନିୟମିତ ବ୍ୟବଧାନରେ ରକ୍ଷଣାବେକ୍ଷଣ ହେଉନଥିବା ଜଣାପଡ଼ିଛି। ସହରରେ କିଛି ସ୍ଥାନରେ ପାଇପ ବିଛାଇବା ନିମନ୍ତେ ରାସ୍ତା ଖୋଳା ଯାଇଥିବା ବେଳେ ବାଲିର ଅଭାବ ଯୋଗୁଁ ମରାମତି ହୋଇ ପାରିନଥିବା ସଫେଇ ଦେଇଛନ୍ତି ୱାଟକୋର ମହାପ୍ରବନ୍ଧକ ଇଂ ବିକାଶ ପାଢ଼ୀ। ଖୁବଶୀଘ୍ର ଉକ୍ତ ରାସ୍ତାଗୁଡ଼ିକୁ ମରାମତି କରାଯିବା। ବିଭିନ୍ନ ସମୟରେ ଏନେଇ ବିଇଏମସି ଓ ୱାଟକୋ ଅଧିକାରୀଙ୍କ ମଧ୍ୟରେ ବୈଠକ ହୋଇଛି। ତେବେ ସହରରେ ବିଭିନ୍ନ ସ୍ଥାନରେ ପାଇପ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ନହେଉଣୁ ରାସ୍ତା କାମ ହୋଇଥିବାରୁ ସମସ୍ୟା ସଅଷ୍ଟି ହେଉଥିବା ସେ କହିଛନ୍ତି।

# କଳିଙ୍ଗା ପାର୍କ ନିର୍ମାଣ କାମ ଅଧପନ୍ତରିଆ

ଜି.ଉଦୟଗିରି,୨।୧(ସମିସ)



ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କଳିଙ୍ଗା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇଥିବାବେଳେ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ଏହି ପର୍ଯ୍ୟଟନ ସ୍ଥଳର ବିକାଶ କରିବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିବାବେଳେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ ଅଧିକାରୀ। କଳକାରଖାନା ବିହିନ କନ୍ଧମାଳ ଜିଲ୍ଲାର ବିକାଶ ପର୍ଯ୍ୟଟନ କ୍ଷେତ୍ର ଉପରେ ନିର୍ଭରଶୀଳ ଥିବାବେଳେ ଏଥିପ୍ରତି ଅଣଦେଖା ହୋଇଆସୁଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି କଳିଙ୍ଗା ଗ୍ରାମୀଣ ପାର୍କ। ଜି. ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ଶିବ ମନ୍ଦିର ନିକଟରେ ଗ୍ରାମୀଣ ପାର୍କ ନିର୍ମାଣ ନିମନ୍ତେ ୨୦୧୮-୧୯ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଇତିମଧ୍ୟରେ ୪ବର୍ଷ ବିତିଗଲାଣି ହେଲେ ଉକ୍ତ କାର୍ଯ୍ୟଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଯାଇଛି । ପରବର୍ତ୍ତୀ ଆଉ ୨ ଲକ୍ଷ ଟଙ୍କା ମଧ୍ୟ ମଞ୍ଜୁର ହୋଇଥିବା କଳିଙ୍ଗା ଗ୍ରାମବାସୀ କହିଛନ୍ତି। ପଞ୍ଚାୟତର ଉନ୍ନତି କରଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ମଞ୍ଜୁର କରୁଛନ୍ତି ଅଥଚ ତାହାର ଠିକ ଉପଯୋଗ କରିବାରେ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧି ମାନେ ଫେଲ ମାରୁଛନ୍ତି। ପାର୍କର ଚାରିପାଖରେ ବର୍ତ୍ତମାନ ଲଟା ବୁଦା ହେବା ସହିତ ଗାଈଗୋରୁ ଚରୁଛନ୍ତି। ଏହା ବ୍ୟତୀତ ସନ୍ଧ୍ୟାହେବା ମାତ୍ରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ପ୍ରଶ୍ନ ଉଠୁଛି ଯଦି ପ୍ରକଳ୍ପ ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇ ଆସିଲା କାର୍ଯ୍ୟ ଆରମ୍ଭ ହେଲା ତାହାହେଲେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଲା କାହିଁକି ? ଅସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଦାୟୀ କିଏ ? ଗୋଟିଏ ପଟେ ଝାଉଁ ବଣ ଅନ୍ୟ ପଟେ ଶୈବପୀଠ ଥିବାବେଳେ ଭୋଜିଭାତ କରିବାକୁ ଲୋକମାନେ ଏହା ନିକଟରେ ଭିଡ କରିଥାନ୍ତି। କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁ ସେମିତି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି ଏହି ପାର୍କ। ତେଣୁ ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବା ପାଇଁ ଏହି ପ୍ରକଳ୍ପ ଅଗ୍ରାଧିକାର ଭିତିରେ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଟ୍ରାକ୍ଟର ଦୁର୍ଘଟଣାରେ ଚାଳକର ମୃତ୍ୟୁ

**ଫିରିଙ୍ଗିଆ,୨।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଣିପେନୁ ଘାଇ ନିକଟରେ ସୋମବାର ଏକ ଟ୍ରାକ୍ଟର ଦୁର୍ଘଟଣା ଘଟିଥିଲା। ଫଳରେ ଟ୍ରାକ୍ଟର ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ରତଙ୍ଗ ପଞ୍ଚାୟତ ଡ଼ୁଙ୍ଗରପଡ଼ା ଗାଁର ସିଦ୍ଧାନ୍ତ ମଳିକ। ସୋମବାର ୧୨ଟାବେଳେ ସିଦ୍ଧାନ୍ତ ଏକ ଟ୍ରାକ୍ଟରରେ କେତେଜଣ ଶ୍ରମିକଙ୍କୁ ନେଇ କୌଣସି କାମରେ କାଣିପେନୁ ଘାଇ ନିକଟକୁ ଯାଇଥିଲେ। କାଣିପେନୁ ଘାଇ ନିକଟରେ ଟ୍ରାକ୍ଟର ଟିକୁ ବୁଲାଇବା ସମୟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲେ। ଫଳରେ ଟ୍ରାକ୍ଟର ଡ୍ରାଇଭର ଜଣକ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ। ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିଦ୍ଧାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ବାପା ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ। ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ୨/୨୪ ରେ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରିବା ସହ ଏସଆଇ ତପନ କୁମାର ଦାସ ଶବର ପାଞ୍ଚନାମା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ରତଙ୍ଗ ସରପଞ୍ଚ ପାର୍ବତୀ ମଳିକ ଓ ପୂର୍ବତନ ସରପଞ୍ଚ ତଥା ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଳିକ ଶୋକାକୁଳ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ବ୍ଲକ୍ ସଭାଗୃହ ଉଦ୍‌ଘାଟିତ



**ମୋହନା,୨।୧(ସମିସ):** ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଦିନିକିଆ ମୋହନା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପ୍ରଥମେ ଅଡବାରେ ଆୟୋଜିତ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପରେ ବ୍ରହ୍ମଣୀଦେଇ ଜଳପ୍ରପାତରେ ଏକ ଦଳୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ମୋହନା ବ୍ଲକ କାର୍ଯ୍ୟାଳୟରେ ନିର୍ମିତ ସଭାଗୃହକୁ ଉଦଘାଟନ କରିବା ସହ ଉପସ୍ଥିତ ଜନପ୍ରତିନିଧି ମାନଙ୍କୁ ସମ୍ବୋଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ଉପାଧ୍ୟକ୍ଷା ବାଲ୍ମୀନା ଅଧିକାରୀ, ମୋହନା ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଳିକ, ଚନ୍ଦ୍ରଗିରି ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବିଷୋୟୀଙ୍କ ସମେତ ୩୯ଟି ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ମାନେ ଯୋଗଦେଇଥିଲେ। ମୋହନା ବିଡିଓ ହଳଧର ଶବରଙ୍କ ନେତୃତ୍ୱରେ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ମେସିନ୍ କରୁଛି ମନରେଗା କାମ



**ପାରଳାଖେମୁଣ୍ଡି,୨।୧(ସମିସ):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ରେ ମେସିନ ସାହାଯ୍ୟରେ କାମ ଚାଲିଥିବାର ଅଭିଯୋଗ ହୋଇଥିବା ବେଳେ ଏନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଫଟୋ ଚିତ୍ର। ଏହି ଫଟୋକୁ ନେଇ ବିଭିନ୍ନ ମହଲରେ ନାନାଦି ଆଲୋଚନା ହେବାରେ ଲାଗିଛି। ଏପରି କାର୍ଯ୍ୟ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ ଅନ୍ତର୍ଗତ କଇଠଡା ଗ୍ରାମର ଧର୍ମାବନ୍ଧ ଠାରୁ ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ ମେଟେଲିଙ୍ଗ୍ ରୋଡ କାମ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟର କୋଡ୍ ନମ୍ବର ୧୦୫୮୦୫୧୩ ବୋଲି ଫଳକରେ ଉଲ୍ଲେଖ ରହିଛି । ଏହାର ଅଟକଳ ମୂଲ୍ୟ ୫ଲକ୍ଷ ଟଙ୍କା ରହିଥିବାବେଳେ ଦୈନିକ ମଜୁରୀ ବାବଦରେ ୨୩୭ ଟଙ୍କା ଧାର୍ଯ୍ୟ ହୋଇ କାମ ଚାଲୁ ରହିବ ବୋଲି ଫଳକରେ ଉଲ୍ଲେଖ ରହିଛି । ହେଲେ ଏହି କାର୍ଯ୍ୟ ବାବଦକୁ ସମସ୍ତ କାମ ଜେସିବି ବା ପ୍ରୋକ୍ଲିନର ମେସିନରେ ହୋଇଥିବାର ଗ୍ରାମାଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସେହିପରି ଏପରି କାମ ହେଉଥିବାକୁ ନେଇ ସୋସିଆଲ୍ ମିଡିଆରେ ମଧ୍ୟ ଏହାର କିଛି ଫଟୋଚିତ୍ର ଭାଇରଲ ହୋଇଛି। କାର୍ଯ୍ୟସ୍ଥଳରେ ସମସ୍ତ କାମ ମେସିନ ଦ୍ୱାରା ହିଁ ହୋଇଥିବାର ଦେଖିବାକୁ ମିଳିଛି । ତେବେ ଏପରି କାର୍ଯ୍ୟ କାହାର ନିର୍ଦ୍ଦେଶରେ ହୋଇଛି ତାହା ଜଣାପଡ଼ିନାହିଁ। ସୂଚନା ଯୋଗ୍ୟ, ଉଲ୍ଲେଖିତ ଗ୍ରାମ ବ୍ଲକ କାର୍ଯ୍ୟାଳୟ ଠାରୁ ଅତି ବେଶୀରେ ଦୁଇ କିମି ଦୂରତା ମଧ୍ୟରେ ହୋଇଛି। ସୂଚନା ଫଳକରେ ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇ ନାହିଁ । ଯେପରିକି କେତେ ଜଣ ଶ୍ରମିକ ନିୟୋଜିତ ହେବେ, ଅଦ୍ଧର୍ କୁଶଳୀ କେତେ ଅଣକୁଶଳୀ ଶ୍ରମିକ କେତେ ନିୟୋଜିତ ହେବ, ଘନ ଫୁଟ କାମର ଦର, କାର୍ଯ୍ୟ ଆରମ୍ଭ ତାରିଖ, କାର୍ଯ୍ୟ ଶେଷ ତାରିଖ ଆଦି ଫଳକରେ ଉଲ୍ଲେଖ ରହିନାହିଁ । ତେଣୁ ନିଶ୍ଚୟ ଏହା ଏକ ସୁଚିନ୍ତିତ ଭାବେ ମନରେଗା ଫଳକ ଲଗାଯାଇ ଅର୍ଥ ହଡପ ପାଇଁ ଯୋଜନା ହୋଇଥିବାର ଅନୁମାନ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ତେଣୁ ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

● ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ୍

## ୨ ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ



**ଜି.ଉଦୟଗିରି,୨।୧(ସମିସ):** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜିଲ୍ଲା ପରିବହନ ବିଭାଗ ଓ ସ୍ଥାନୀୟ ପୁଲିସର ମିଳିତ ସହଯୋଗରେ ସ୍ଥାନୀୟ ଶ୍ରୀରାମପଦା ଠାରେ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ଦାସ, କନଷ୍ଟେବଲ ଜ୍ୟୋତି ରଞ୍ଜନ ପରିଡ଼ା ଓ ଏସଆଇ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଯାନବାହନ ଯାଞ୍ଚ୍ କରାଯାଇଥିଲା। ଯାଞ୍ଚ୍‌ବେଳେ ଚାଳକ ମାନଙ୍କ ଲାଇସେନ୍ସ, ହେଲମେଟ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ, ଇନ୍ସୁରାନସ୍ କାଗଜପତ୍ର ଯାଞ୍ଚ କରାଯାଇଥିଲା। ସେହିପରି ମଦ୍ୟପ ଚାଳକ ମାନଙ୍କୁ ପରୀକ୍ଷା କରି ଜରିମାନା ଆଦାୟ କରାଯାଇଥିଲା। ଏମଭିଆଇ ଯାଞ୍ଚୁ ଭୟ କରି ଅନେକ ଯାନବାହାନ ଲୁଚି ଯାଇଥିବାବେଳେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗାଡ଼ି ଓ ଚାଳକ ଯାଞ୍ଚର ସମ୍ମୁଖୀନ ହୋଇଥିଲେ। ଯାଞ୍ଚ ବେଳେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ଚାଳକ ମାନଙ୍କୁ ବିଭାଗ ତରଫରୁ ସୁରକ୍ଷା ସମ୍ବନ୍ଧିତ ଲିଫଲେଟ୍ ଦେଇ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି। ପରିବହନ ବିଭାଗ ଓ ସ୍ଥାନୀୟ ପୁଲିସର ମିଳିତ ସହଯୋଗରେ ପ୍ରତ୍ୟେକ ମାସ ଏହିପରି ଅତର୍କିତ ଗାଡ଼ି ମୋଟର ଯାଞ୍ଚ୍ କରାଯାଇ ଅମାନିଆ ଚାଳକ ମାନଙ୍କୁ ଦଣ୍ଡିତ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

## ବ୍ଲକ୍‌ସ୍ତରୀୟ ଜନଜାତି କ୍ରୀଡ଼ା ମହୋତ୍ସବ

**ଫିରିଙ୍ଗିଆ,୨।୧(ସମିସ):** କନ୍ଧମାଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅନୁମୋଦନ କ୍ରମେ ଫିରିଙ୍ଗିଆ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଜନଜାତି କ୍ରୀଡା ମହୋତ୍ସବ ଉଦଘାଟିତ ହୋଇଯାଇଛି। ପଞ୍ଚାୟତ ଉନ୍ନୟନ ଅଧିକାରୀ ଦ୍ୱାରିକାନାଥ ପ୍ରଧାନ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରେଶ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମକୁ ଫିରିଙ୍ଗିଆ ବିଡିଓ ଅନୁପ ଅଭିଷେକ ବେହେରା ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଉଠାଣସିଂଙ୍କ ସହ ବ୍ଲକ ଅଧୀନରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ପରିଚାଳିତ ହେଉଥିବା ବିଦ୍ୟାଳୟ ମାନଙ୍କର କ୍ରୀଡା ଶିକ୍ଷକ ମାନେ ଉପସ୍ଥିତ ରହି ଏହି କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଜନଜାତି ବର୍ଗର କ୍ରୀଡାବିତ ମାନେ ଭାଗ ନେଇଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ସାର୍ଡୀଙ୍ଗିଆ, ଗୋଛାପଡ଼ା ଠାରେ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।



କିଡନୀ ରୋଗୀଙ୍କ ଚିକିତ୍ସାରେ ଅର୍ଥ ବାଧକ

## ସହାୟତା ଲାଗି ସ୍ତ୍ରୀଙ୍କ ନିବେଦନ

**ପାରଳାଖେମୁଣ୍ଡି,୨।୧(ସମିସ):** ତିନି ବର୍ଷ ହେଲା ଦୁଇଟି କିଡନୀ ନଷ୍ଟ ହୋଇଛି। ଅଧିକ ଚିକିତ୍ସା ନିମନ୍ତେ ଅର୍ଥ ବାଧାକ ସାଜିଛି। ନା ଅଛି ରାସନ କାର୍ଡ ନା ଅଛି ବିଏସକେୱାଇ କାର୍ଡ। କିଡନୀ ଖରାପ ଯୋଗୁଁ କୌଣସି କାମ କରିପାରୁନାହାନ୍ତି। ଲାଗି ରହିଛି ଅଭାବ ଅନଟନ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗୋଷାଣି ବ୍ଲକ ଅନ୍ତର୍ଗତ କଇଠଡା ଗ୍ରାମରେ। ଗ୍ରାମର ଅଭିମନ୍ୟୁ ବିଶୋଇ (୩୪) ଆର୍ଥିକ ସ୍ଥିତି ଭଲ ନଥିବାରୁ ହାଇଦ୍ରାବାଦ ଯାଇ ଶ୍ରମିକ ଭାବେ କାମ କରୁଥିଲେ । ଇତି ମଧ୍ୟରେ ଲକ୍ଷ୍ମି ବିଶୋଇଙ୍କୁ ବାହା ମଧ୍ୟ ହୋଇଥିଲେ। ପରିବାର କହିଲେ ଦୁଇ ଭାଇ ଭଉଣୀ, ମା ଓ ସ୍ତ୍ରୀ। ଅନ୍ୟ ଜଣେ ଭାଇ ମଧ୍ୟ ରାଜ୍ୟ ବାହାରେ କାମ କରି ଗୁଜାରଣ ମେଣ୍ଟାଉଛନ୍ତି। ଅଭିମନ୍ୟୁ ନିଜ ପରିବାରର ଗୁଜାରଣ ମଣ୍ଟାଇବାପାଇଁ ହାଇଦ୍ରାବାଦ କାମ କରିବାକୁ ଯାଇଥିଲେ। ବାହା ହେବାପରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଶୋଇ ମଧ୍ୟ ସେଠାକୁ ଯାଇ କାମ କରୁଥିଲେ। ହେଲେ ସେଠାରେ ଅଭିମନ୍ୟୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ନିଜ ଗ୍ରାମ କଇଠଡାକୁ ଆସୁଥିଲେ। ଟ୍ରେନରେ ଆସୁଥିବା ସମୟରେହିଁ ଅଭିମନ୍ୟୁଙ୍କ ପାଦ ଗୋଡ ଫୁଲିବାରେ ଲାଗିଥିଲା । ଏପରି ଅବସ୍ଥାରେ ଏକୁଟିଆ ଥିବା ଲକ୍ଷ୍ମି ନିଜ ସ୍ୱାମୀଙ୍କ ଏପରି ଅବସ୍ଥା ଦେଖି ଭୟଭିତ ହୋଇଥିଲେ। କୌଣସି ମତେ ରେଳ ବିଭାଗର ସହାୟତାରେ ହ୍ୱିଲ ଚେୟାର ଯୋଗେ ରେଳ ଷ୍ଟେସନରୁ ଅଣାଯାଇ ଥିଲେ। ତାଙ୍କୁ ତୁରନ୍ତ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ନେଇଥିଲେ । ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା ପରେ କିଡନୀ ଖରାପ ହୋଇଥିବାର ଜଣାପଡ଼ିଥିଲା। ଆର୍ଥିକ ଅନଟନ ଯୋଗୁଁ ଉଚ୍ଚ ଚିକିତ୍ସା ନିମନ୍ତ ଅନ୍ୟତ୍ର ଯିବା ସମ୍ଭବ ନ ହେବାରୁ ଆନ୍ଧ୍ରର ଶ୍ରୀକାକୁଲମ ଠାରେ ଥିବା ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏହି ସମୟରେ ଅଭିମନ୍ୟୁ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ କାମ କରି ଯେତିକି ଟଙ୍କା ସଞ୍ଚୟ ରଖିଥିଲେ ତାହା ଖର୍ଚ୍ଚ ହୋଇଯାଇଥିଲା । ଏହା ସହ ସୁନା ଅଳଙ୍କାର ସବୁ ବିକ୍ରି ବଟା କରି ଦେଇଛନ୍ତି। ହେଲେ ଭଲ ହୋଇପାରି ନାହାନ୍ତି ଅଭିମନ୍ୟୁ। ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ଚିକିତ୍ସାଳୟରେ ସପ୍ତାହକୁ ଥରେ ଡାଇଲେସିସ୍ ପାଇଁ ନେବାକୁ ପଡୁଛି ବୋଲି କହିଛନ୍ତି ତାଙ୍କ ପତ୍ନୀ ଲକ୍ଷ୍ମୀ। ଏହି ଦୁଇ ଥର ଯିବାକୁ ହେଲେ ମଧ୍ୟ ବସ୍ କିମ୍ବା ଯାତ୍ରୀବାହୀ ଟିକଟ ମୂଲ୍ୟ ଦେବାକୁ ହେଲେ ଘରେ କାଣି କଉଡିଟିଏ ନାହିଁ ବୋଲି କହିଛନ୍ତି। ସାହି ପଡ଼ିଶା ତଥା ବଦାନ୍ୟ ଗ୍ରାମବାସୀ ଏହି ଅର୍ଥ ଦେଉଥିବାର ପ୍ରକାଶ କରିଛନ୍ତି । ରାସନ କାର୍ଡରେ ଅଭିମନ୍ୟୁଙ୍କ ନାମ ନଥିବାରୁ ବିଏସକେୱାଇ କାର୍ଡରୁ ବଞ୍ଚିତ ରହିଛନ୍ତି। ସେପଟେ ରୋଜଗାର ନାହିଁ। ଏପଟେ କିଡନୀ ଖରାପ। ଏପରି ବିଚଳିତ ଓ ଦୁଶ୍ଚିନ୍ତାରେ କାଳାତିପାତ କରୁଥିବାର ଜଣାପଡ଼ିଛି। ଏନେଇ ରୋଗୀ ଅଭିମନ୍ୟୁ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ସରକାରୀ ସହାୟତା ମିଳିଲେ ରୋଗ ଉପଶମ ପାଇଁ ଲଢେଇ କରିବୁ ଏବଂ ଜୀବନ ଜୀବିକା ପାଇଁ ରାହା ପାଇପାରିବୁ ବୋଲି ଜଣାଇଛନ୍ତି।



## ଜାତୀୟ କର୍ମଶାଳାରେ କନ୍ଧମାଳର ୫ ଶିକ୍ଷକ, ଶିକ୍ଷୟିତ୍ରୀ



**ଦାରିଙ୍ଗବାଡି,୨।୧(ସମିସ):** କନ୍ଧମାଳ ଜିଲ୍ଲାର ୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଜାତୀୟ କର୍ମଶାଳାରେ ଯୋଗଦେଇଛନ୍ତି। ଆନ୍ଧ୍ରପ୍ରଦେଶର କୁପମରେ ଥିବା ଅଗସ୍ତ୍ୟା ଅନ୍ତର୍ଜାତୀୟ ଅନୁଷ୍ଠାନରେ ୪ ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ଗଣିତ ଓ ବିଜ୍ଞାନ ଆବାସିକ କର୍ମଶାଳାରେ ଯୋଗଦେଇ ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ନେଇଛନ୍ତି ଶିକ୍ଷକ, ଶିକ୍ଷୟତ୍ରୀ। ୫ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ହେଲେ ଦାରିଙ୍ଗବାଡ଼ି ବ୍ଲକ ସିର୍କାବର୍ଗ ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ଞାନୀପ୍ରଭା ପ୍ରଧାନ, ବୁଡ଼ାଗୁଡ଼ା ହାଇସ୍କୁଲର ଗଣିତ ଶିକ୍ଷୟିତ୍ରୀ ସୁଚିସ୍ମିତା ପ୍ରଧାନ, ଅଲିମାହା ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, କାଟିଙ୍ଗିଆ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିଶ୍ୱରଞ୍ଜନ ନାୟକ ଓ ଫିରିଙ୍ଗିଆ ବ୍ଲକ ଲମ୍ବପଦର ହାଇସ୍କୁଲର ଗଣିତ ଶିକ୍ଷକ ସନ୍ତୋଷ ମୁଦୁଲି। କର୍ମଶାଳାରେ ଗଣିତ ଓ ବିଜ୍ଞାନର ନୂତନ ଜ୍ଞାନକୌଶଳ ସହ ବିଭିନ୍ନ ମଡେଲ ପ୍ରସ୍ତୁତ, ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ ବିଭିନ୍ନ ଲ୍ୟାବ୍ ପରିଦର୍ଶନ କରି ଶିକ୍ଷାଲାଭ କରିଥିଲେ। କର୍ମଶାଳାରେ ରମଣ ଗବେଷଣା ପ୍ରତିଷ୍ଠାନ ବରିଷ୍ଠ ବ୍ରହ୍ମାଣ୍ଡ ବିଜ୍ଞାନୀ ଏନ୍.ଉଦୟ କୁମାର ନାରାୟଣ ଯୋଗଦେଇ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ନିଜର ଗବେଷଣା ଅନୁଭୂତି ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଭଳି ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

## ନବବର୍ଷ କବିତା ପାଠୋତ୍ସବ

**ଫୁଲବାଣୀ,୨।୧(ସମିସ):** ଜିଲ୍ଲାର ସର୍ବପୁରାତନ ଅନୁଷ୍ଠାନ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ପକ୍ଷରୁ ନବ ବର୍ଷ ଉପଲକ୍ଷେ ସ୍ୱାଗତଂ ନବବର୍ଷ କବିତା ପାଠୋତ୍ସବ ଆୟୋଜିତ ହୋଇଛି। ପରିଷଦର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବର୍ଷିୟାନ କବି ଡ:ଅନନ୍ତ ଚରଣ ମିଶ୍ର, ମୁଖ୍ୟବକ୍ତା ରୁପେ ଡ:ଚିତ୍ତ ରଞ୍ଜନ ମିଶ୍ର ଓ ସମ୍ମାନିତ ଅତିଥି ରୂପେ ଜିଲ୍ଲା ଲେଖକ ସାମୁଖ୍ୟର ସଭାପତି ରବୀନ୍ଦ୍ରନାଥ ମିଶ୍ର ଯୋଗଦେଇ ଇଂରାଜୀ ନବବର୍ଷ ଓ ଓଡ଼ିଆ ନବବର୍ଷର ତୁଳନାତ୍ମକ ଆଲୋଚନା କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଓ ବିଶିଷ୍ଟ କବି କୈଳାସ ଚନ୍ଦ୍ର ଧଳଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଫୁଲବାଣୀ ସହରର ବହୁ ବିଶିଷ୍ଟ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଦସ୍ୟ ପ୍ରଭାତ କୁମାର ଦାସ, ବିପିନ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର, ଶଶିଭୂଷଣ ପ୍ରଧାନ, ସଚ୍ଚିଦାନନ୍ଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ପରିଷଦର ସାହିତ୍ୟ ସମ୍ପାଦିକା ଅଧ୍ୟାପିକା ହରପ୍ରିୟା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ଶରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି ପଥର କାରିଗର

ଭଞ୍ଜନଗର,୨।୧(ସମିସ)

ବିଜ୍ଞାନ ଯୁଗରେ ମେସିନ ସାହାଯ୍ୟରେ ସବୁ କାମ ସୁବିଧା ଓ କମ ସମୟ ମଧ୍ୟରେ ହେଉଥିବାରୁ ସମସ୍ତେ ଶ୍ରମିକ ଉପରେ ନିର୍ଭର ନକରି ମେସିନକୁ ଅପଣାଇବାକୁ ପସନ୍ଦ କରୁଛନ୍ତି। ଫଳରେ ବହୁ ଶ୍ରମିକ ନିଜର ରୋଜଗାର ହରାଇ ବାହାର ରାଜ୍ୟକୁ ପ୍ରବାସୀ ଶ୍ରମିକ ଭାବେ ଯାଉଛନ୍ତି। ହେଲେ ଆଜିବି ଏମିତି ଅନେକ ଶ୍ରମିକ ଅଛନ୍ତି ଯେଉଁମାନେ ନିଜ ସ୍ୱଳ୍ପ ରୋଜଗାରରେ ସନ୍ତୁଷ୍ଟ ହୋଇ କୌଳିକ ବୃତ୍ତିକୁ ଛାଡ଼ି ପାରୁନାହାନ୍ତି। ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ ଚଡିଆପଲ୍ଲୀ ଗ୍ରାମର ୧୦ଟି ପରିବାରର ୫ଜଣ ଭାଇ ଦୀର୍ଘ ବର୍ଷ ହେଲା ବଡ଼ ପଥର ସଂଗ୍ରହ କରି ତାହାକୁ ଭାଙ୍ଗି ସେଥିରେ ଘୋରଣା, ପେଷଣା, ଶିଳ, ଗୁଡା ଭଳି କେତେ କଣ ଘରୋଇ ଉପକରଣ ତିଆରି କରି ବିକ୍ରୀ କରି ଆସୁଛନ୍ତି। ସେମାନେ ହେଲେ ଶେଖ ଅମୀର, ଜୁମା ଖାନ୍,ମଲାଙ୍ଗ ମିର, ଶେଖ ରସିଦ ଓ ଶେଖ ରହିମ। ଏହି କାରିଗରମାନେ କେଉଁ ଜେଜେ ବାପା, ଅଜାଙ୍କ ଅମଳରୁ ଏହି ପଥର ଖୋଦେଇ କାମ କରି ଆସୁଛନ୍ତି। ଆଗରୁ ଝିଅ ବାହାଘର ସମୟରେ ଏସବୁ ଘର କରଣା ଜିନିଷ ବେଶୀ ଆବଶ୍ୟକ ହେଉଥିଲା। ଆଉ ସେସବୁ ବିକ୍ରୀ କରି ଭଲ ଦୁଇ ପଇସା ରୋଜଗାର ହେଉଥିଲା। ହେଲେ ବର୍ତ୍ତମାନ ସମୟରେ ଗ୍ରାଇଣ୍ଡର ଆସି ଯିବାରୁ ଏହି ପଥର ନିର୍ମିତ ସାମଗ୍ରୀର ଚାହିଦା ବହୁତ କମିଛି। ଫଳରେ ସ୍ୱଳ୍ପ ରୋଜଗାରରେ ପରିବାର ଚଳେଇବା ପଥର କାରିଗର ମାନଙ୍କ ନିମନ୍ତେ କଷ୍ଟସାଧ୍ୟ ହୋଇପଡ଼ିଛି। ପଥରରେ ଗୋଟିଏ ପେଷଣା ତିଆରି କରିବାକୁ ପ୍ରାୟ ଦିନଟିଏ ଲାଗି ଯାଉଛି। ସେହି ଅନୁସାରେ ପ୍ରାପ୍ୟ ମିଳୁନି। ଗ୍ରାମ ନିକଟରେ ଥିବା ମୁଣ୍ଡିଆ ପାହାଡ଼ରୁ ସେମାନେ ପଥର ଗୁଡିକ ଆଣିଥାନ୍ତି। ହାତରେ ନିହଣ ଓ ହାତୁଡ଼ି ଧରି ପଥରକୁ ପିଟି ପିଟି ରୂପ ଦେଇଥାନ୍ତି। ବର୍ଷରେ ବର୍ଷା ଚାରିମାସ କାମ ବନ୍ଦ ରହୁଥିବା ବେଳେ ଅନ୍ୟ ଦିନେ ପଥର ଖୋଦେଇ କାମ ଚାଲିଥାଏ। ଏସବୁ ଗାଁରେ ବିକ୍ରି ସୁବିଧା ନଥିବାରୁ ବ୍ୟବସାୟୀ ମାନେ ଆସି ବଜାର ଦରଠାରୁ କମ ଦାମରେ ଏସବୁ କିଣି ନେଉଛନ୍ତି। ଏହି କାମରେ ସ୍ୱଳ୍ପ ରୋଜଗାର ହେଉଥିଲେ ମଧ୍ୟ ଏହି କାରିଗରମାନେ କେବେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇନାହାନ୍ତି। ନିଜ କୌଳିକବୃତ୍ତିକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି। ସରକାରୀ ପ୍ରୋତ୍ସାହନ କି ସୁବିଧା କେବେ ମଧ୍ୟ ପାଇନାହାନ୍ତି। କାରିଗର ମାନଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ କରି ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ହେଲେ ଯୋଜନା ସମ୍ପର୍କରେ ଏମାନେ କିଛି ଜାଣନ୍ତିନି। ଏଣୁ ସେମାନଙ୍କୁ ସଚେତନ କରି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେଲେ ଏହି କୌଳିକ ବୃତ୍ତି ଆଗକୁ ମଧ୍ୟ ବଞ୍ଚି ରହିବ ବୋଲି କାରିଗର ମାନେ କହିଛନ୍ତି। ଏହି କାରିଗର ମାନେ ପାହାଡ଼ରୁ ପଥର ଖୋଳି ବାହାର କରନ୍ତି। ସେମାନେ ଗୋଟିଏ ଗୋଟିଏ ଦ୍ରବ୍ୟକୁ ସେମାନେ ସାଢ଼େ ୪ଶହରୁ ୫ଶହ ଟଙ୍କାରେ ବିକ୍ରୀ କରୁଥିବା ଜଣାପଡ଼ିଛି।



